ଧରିତ୍ରୀ
DHARITRI
March 5-11, 2023 ₹2/-

# ସ୍ୱୟଂସିଦ୍ଧା

ପ୍ରଚ୍ଛଦ ପ୍ରସଙ୍ଗ

୩



ପାରିବି ନାହିଁର ଶବ୍ଦ ନ ଥିଲା ଏମାନଙ୍କ ଶବ୍ଦ କୋଷରେ । ସବୁ ପ୍ରତିକୂଳ ପରିସ୍ଥିତିକୁ କେମିତି ଅନୁକୂଳ ପରିସ୍ଥିତିରେ ପରିବର୍ତ୍ତନ କରାଯାଇପାରେ ସେ ରାସ୍ତା ଏମାନଙ୍କୁ ବେଶ୍ ଜଣାଥିଲା । ଜାଣିଥିଲେ ଆଉ ଦୁନିଆକୁ ଜଣେଇ ବି ଦେଲେ ଯେ ଏମିତି କିଛି ରାସ୍ତା ନାହିଁ କି, ଏମିତି କିଛି କାମ ନାହିଁ ଯାହା ନାରୀଙ୍କ ପକ୍ଷେ ଅଗମ୍ୟ ଆଉ ଅସମ୍ଭବ.....

# ହୋଲିରେ କ'ଣ କଲେ ଶୁଭ

**ରଙ୍ଗର ପର୍ବ ହୋଲିକୁ ଆହୁରି ଆନନ୍ଦମୟ ଓ ଶୁଭଙ୍କର କରିବା ପାଇଁ ଏମିତି କିଛି କରନ୍ତୁ ...**

* ହୋଲି ଖେଳିବା ପୂର୍ବରୁ ଘରେ ଯଦି ପ୍ରଭୁ ଗଣେଶଙ୍କର ଉପାସନା କରାଯାଏ, ତା'ହେଲେ ଘରେ ଯଦି କିଛି ବାସ୍ତୁଦୋଷ ଥାଏ ତାହା ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି।

* ଏହି ଶୁଭ ଦିନରେ ଯଦି ଶୟନ କକ୍ଷରେ ରାଧାକୃଷ୍ଣଙ୍କର ଫଟୋ



ଲଗାଇ ତାଙ୍କୁ ଫଗୁ ଓ ଫୁଲ ଅର୍ପଣ କରାଯାଏ, ତା'ହେଲେ ପତ୍ନୀପତିଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହେବା ସହ ସୁଖସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି।

* ହୋଲି ଦିନ ମୁଖ୍ୟଦ୍ୱାରର ଉପରି ଭାଗରେ ସୂର୍ଯ୍ୟଦେବଙ୍କର ପ୍ରତୀମା ହେଉ ଅବା ଫଟୋ ଲଗାଇଲେ ଘରେ ସକାରାତ୍ମକ ଊର୍ଜ୍ଜା ବଢ଼ିବା ସହ ପରିବାର ସଦସ୍ୟଙ୍କର ମଙ୍ଗଳ ହୋଇଥାଏ।

* ଅନ୍ୟପକ୍ଷେ ଏହିଦିନ ଘରେ ନୂଆ ତୁଳସୀ ଗଛ ହେଉ ଅବା ମନି ପ୍ଲାଣ୍ଟ ଲଗାଇବା ବି ଶୁଭ ହୋଇଥାଏ। ଧାର୍ମିକ ମାନ୍ୟତା ଅନୁସାରେ, ଗଛ ଘରକୁ ସୌଭାଗ୍ୟ ଆଣିଥାଏ।

* ଅନେକେ ଘରର ଶୀର୍ଷ ଭାଗରେ ଧ୍ୱଜା ଲଗାଇଥାନ୍ତି। କୁହାଯାଏ, ଏହାଦ୍ୱାରା ପରିବାରର ମାନସମ୍ମାନ ଓ ସୁଖସମୃଦ୍ଧି ବଢ଼ିବା ସହ ସଦସ୍ୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ହୋଇଥାଏ। ଯଦି ଧ୍ୱଜା ପୁରୁଣା ହୋଇଯାଇଥାଏ, ତା'ହେଲେ ହୋଲି ଦିନ ଏହାକୁ ବଦଳାଇ ନୂଆ ଧ୍ୱଜା ଲଗାଇବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ
ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୫-୧୧

**ମେଷ**
କର୍ମକ୍ଷେତ୍ରରେ ସମ୍ମାନ, ବନ୍ଧୁଙ୍କ ଶୁଭେଚ୍ଛା, ସହକର୍ମୀଙ୍କ ସହାନୁଭୂତି, ସରକାରୀ ସାହାଯ୍ୟପ୍ରାପ୍ତି, ଶିକ୍ଷାରେ ଉନ୍ନତି, ନିର୍ମାଣରେ ଅଗ୍ରଗତି, ପରିବହନରେ ଝଗଡା, ପ୍ରଶାସନିକ ତତ୍ପରତା ॥

**ବୃଷ**
ସମସ୍ୟା କମିଯିବ, ଜମିଜମା ଲାଭ, ଯାନବାହନ ନବୀକରଣ, ବିବାଦୀୟ ଘଟଣାରେ ମନସ୍ତାପ, ଆନୁଷ୍ଠାନିକ ନିମନ୍ତ୍ରଣ, ନିର୍ମାଣରେ ସମସ୍ୟା, ସଙ୍ଗୀତ ସମାରୋହ, କ୍ରୀଡାରେ କୃତିତ୍ୱ, ବିଳାସବ୍ୟସନର ମଉକା ॥

**ମିଥୁନ**
ମାନସିକ ସୁସ୍ଥତା, ସ୍ଥଗିତ କର୍ମାରମ୍ଭ, କୂଟନୈତିକ ସଫଳତା, ରାଜନୈତିକ ପୃଷ୍ଠପୋଷକତା, ବିବାଦରେ ବିଜୟ, ନିର୍ମାଣରେ ବିଳମ୍ବ, ପରିସ୍ଥିତି ବଦଳିଯିବ, ବ୍ୟବସାୟରେ ପ୍ରତିବନ୍ଧକ, ସଂଗୀତଶିକ୍ଷାରେ ରୁଚି ॥

**କର୍କଟ**
ଆନୁଷ୍ଠାନିକ କାର୍ଯ୍ୟ, ପ୍ରଶାସନିକ ସଫଳତା, ଲେଖାପଢାରେ ଉନ୍ନତି, ସନ୍ତାନଙ୍କ କୃତିତ୍ୱ, ଶତ୍ରୁତାର ବିଳୟ, ଅର୍ଥସଂକଟ, ଅପ୍ରିୟ ସତ୍ୟରୁ ଦ୍ୱନ୍ଦ୍ୱ, ଦୂରଯାତ୍ରାର ଯୋଜନା, ପାରିବାରିକ ସହମତି ॥

**ସିଂହ**
କାର୍ଯ୍ୟ ନିରଙ୍କୁଶ ରହିବ, ବ୍ୟକ୍ତିତ୍ୱର ପରିପ୍ରକାଶ, ବ୍ୟଙ୍ଗାତ୍ମକ ବାକ୍ୟାଳାପ, ସାମୟିକ ସ୍ୱାସ୍ଥ୍ୟହାନୀ, ପରିବହନରେ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ, ପ୍ରିୟବନ୍ଧୁଙ୍କ ସାନ୍ତ୍ୱନା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନୀ, ଅର୍ଥସଂକଟ, ସାହିତ୍ୟ କ୍ଷେତ୍ରରେ ସୁନାମ ॥

**କନ୍ୟା**
ସୌଭାଗ୍ୟର ଦିବସ, ସୁନ୍ଦର ଜୀବନଚର୍ଯ୍ୟା, ଅନୁକୂଳ ପରିବେଶ, ବ୍ୟବସାୟରେ ସୁଫଳ, ଏଜେନ୍ସିର ପ୍ରସାର, ଯୋଗାଯୋଗରେ ଉନ୍ନତି, ବନ୍ଧୁଙ୍କ ବିଶ୍ୱାସ ଘାତକତା, ମୂଲ୍ୟବାନ ଦ୍ରବ୍ୟହାନୀ, ସଭାସମିତିକୁ ଆହ୍ୱାନ, ଭୁଲ୍ ବୁଝାମଣାରୁ କଳହ ॥

**ତୁଳା**
ପ୍ରତିବନ୍ଧକ ଦୂର ହେବ, ସଫଳତା ପାଇବେ, ଗୃହନିର୍ମାଣର ଯୋଜନା, ଯାନବାହାନ ନବୀକରଣ, ପାରିବାରିକ ମତପାର୍ଥକ୍ୟ, ବନ୍ଧୁଙ୍କ ପ୍ରେରଣା, ମନୋରଞ୍ଜନ କାର୍ଯ୍ୟକ୍ରମ, ପ୍ଲଟିଂ କାରବାରରେ ଉନ୍ନତି ॥

**ବିଛା**
ଉତ୍ତେଜନାମୂଳକ ପରିସ୍ଥିତି, ଘରୋଇ କଳହ, ଅଶାନ୍ତି ଲାଗି ରହିବ, ପଡୋଶୀଙ୍କ ସାହାଯ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ପ୍ରକାଶନରେ ବିଳମ୍ବ, ଆର୍ଥିକ ଅଭିବୃଦ୍ଧି, ଯୋଜନାରମ୍ଭ, ଜମିଜମା କାରବାର, ମାଲିମକଦ୍ଦମା, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**
ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସୌଖ୍ୟ, ସମସ୍ୟା କମିଯିବ, ଅନ୍ୟମନସ୍କ ରହିପାରନ୍ତି, ସ୍ତ୍ରୀଙ୍କ ପ୍ରେରଣା, ଚଳଚ୍ଚିତ୍ରରେ ସମସ୍ୟା, ସହାୟତା ପାଇବେ, ଭ୍ରାତୃ ସମ୍ପର୍କରେ ଉନ୍ନତି, ସନ୍ତାନଙ୍କ ଗୌରବ, ଋଣ ପରିଶୋଧ କରିବେ ॥

**ମକର**
ସମୟୋଚିତ ପଦକ୍ଷେପ, ପ୍ରଗାଢ ପରିଶ୍ରମ, କର୍ମକ୍ଷେତ୍ରରେ ପ୍ରଶଂସା, ଅନୁକୂଳ ବାତାବରଣ, ଆଲୋଚନାରେ ଅଗ୍ରଗତି, ଅର୍ଥସଂକଟ, ବନ୍ଧୁମାନଙ୍କ ସାହାଯ୍ୟ, ନୂତନ ସମ୍ପର୍କ, ପଡୋଶୀଙ୍କ ଛଳନା, ଆନୁଷ୍ଠାନିକ ତତ୍ପରତା ॥

**କୁମ୍ଭ**
ଅବାସ୍ତବ କଳ୍ପନା, ବିଭ୍ରାନ୍ତି ବଢିବ, ବନ୍ଧୁଙ୍କ ସନ୍ଦେହ, ପରିବାରରେ ଭୁଲ୍ ବୁଝାମଣା, ସମସ୍ୟାବହୁଳ ଜୀବନ, ସଫଳତା ପାଇବେ, ରାଜନୈତିକ ଦ୍ୱନ୍ଦ୍ୱ, ମାଲିମକଦ୍ଦମାରୁ ଦୁଃଶ୍ଚିନ୍ତା, ଅଧ୍ୟୟନରେ ରୁଚି, ସତ୍‌ସଙ୍ଗର ସୁଯୋଗ ॥

**ମୀନ**
କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଲୋକସମ୍ପର୍କ ବୃଦ୍ଧି, ଲେଖାପଢାରେ ଆଗ୍ରହ, ଅନୁସନ୍ଧାନରେ ସଫଳତା, ମାନସିକ ଚାପ, ପାରସ୍ପରିକ ଦୋଷାରୋପ, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ନୂତନମୈତ୍ରୀ, ବିଦେଶଯାତ୍ରାର ସୁଯୋଗ ॥

# ଖୁସି ଆଣେ ହୋଲିର ରଙ୍ଗ



**ଶା**ସ୍ତ୍ର ଅନୁସାରେ, ନାଲିରଙ୍ଗ ହେଉଛି ଊର୍ଜ୍ଜା ଓ ଶକ୍ତିର ପ୍ରତୀକ। ତେଣୁ ଏହି ରଙ୍ଗର ଅବିରରେ ହୋଲି ଖେଳିଲେ ସ୍ୱାସ୍ଥ୍ୟ ଭଲ ରହିବା ସହ ମାନସମ୍ମାନ ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ଅନ୍ୟପକ୍ଷେ ରାଗୀ ସ୍ୱଭାବର ଅଥବା ଅବସାଦଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ନାଲିରଙ୍ଗ ଅବିର ବ୍ୟବହାର କରିବା ଆଦୌ ଠିକ୍ ନୁହେଁ ବୋଲି ବି କୁହାଯାଇଛି। ସେହିପରି ନାରଙ୍ଗୀ ରଙ୍ଗ ଯେହେତୁ ସାମାଜିକତାର ପ୍ରତୀକ ଏବଂ ମାନସିକସ୍ତରରେ ବ୍ୟକ୍ତିଙ୍କୁ ଦୃଢ଼ କରିବାରେ ସାହାଯ୍ୟ କରିଥାଏ ; ତେଣୁ ହୋଲି ଦିନ ଏହି ରଙ୍ଗର ଅବିରରେ ଖେଳିବା ଶୁଭ ହୋଇଥାଏ। ଉତ୍ସାହର ପ୍ରତୀକ କୁହାଯାଉଥିବା ହଳଦିଆ ରଙ୍ଗର ଅବିରରେ ହୋଲି ଖେଳିଲେ ଶୁଭଫଳ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। ସବୁଜ ରଙ୍ଗର ଅବିରରେ ବି ହୋଲି ଖେଳିହେବ ; କାରଣ ଏହି ରଙ୍ଗ ଅବସାଦ ଦୂର କରିବାରେ ବେଶ୍ ସହାୟକ ହୋଇଥାଏ। ନୀଳରଙ୍ଗ ମନରେ ସାହସ ଭରିଥାଏ ; ତେଣୁ ଏହି ରଙ୍ଗର ଅବିରରେ ବି ହୋଲି ଖେଳିହେବ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ସେହିପରି ବାଇଗଣୀ ଓ ସୁନେଲି ରଙ୍ଗର ଅବିରରେ ହୋଲି ଖେଳିବା ଶୁଭ ହୋଇଥାଏ। କାରଣ ବାଇଗଣୀ ରଙ୍ଗ ଆଧ୍ୟାତ୍ମିକତାର ପ୍ରତୀକ ହୋଇଥିବାବେଳେ ସୁନେଲି ଧନ ଓ ମାନସମ୍ମାନକୁ ସୂଚିତ କରିଥାଏ।

# ପାଠକୀୟ

❖ଏମିତି ବି ଅନେକ ମଣିଷ ଅଛନ୍ତି, ଯେଉଁମାନେ କେବଳ ନିଜ ପାଇଁ ବଞ୍ଚନ୍ତିନି, ଅସହାୟ ବୟୋଜ୍ୟେଷ୍ଠ କି ଦୁଃଖୀ ଦରିଦ୍ରଙ୍କୁ ଦେଖିଲେ ଆଗେଇ ଆସେ ତାଙ୍କ ପ୍ରତିଶ୍ରୁତିର ହାତ। ସେମିତି କେତେଜଣ ହୃଦୟବାନ୍ ବ୍ୟକ୍ତିତ୍ୱଙ୍କୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରତିଶ୍ରୁତିର ହାତ' ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। 'ଗୋଲାପ ଫୁଲ ବି ଆଣେ ସମୃଦ୍ଧି', 'ଘଣ୍ଟାକୁ ନେଇ ବିଶ୍ୱାସ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। **– ଲିଜାଲିନ୍ ପଣ୍ଡା, କୋଣାର୍କ, ପୁରୀ**

❖ପ୍ରତ୍ୟେକ ମାତାପିତା ନିଜ ସନ୍ତାନର ଭବିଷ୍ୟତ ପାଇଁ ନିଜର ସବୁ ସୁଖସୁବିଧାକୁ ତୁଚ୍ଛ କରିଦିଅନ୍ତି। କିନ୍ତୁ ଅନେକ ସମୟରେ ଦେଖିବାକୁ ମିଳେ, କେତେକ ସନ୍ତାନ ତାଙ୍କ ମାତାପିତାଙ୍କ ତ୍ୟାଗକୁ ପାଶୋରି ଯାଆନ୍ତି। ସେତେବେଳେ ଏହି ଅସହାୟ ବୟୋଜ୍ୟେଷ୍ଠଙ୍କୁ ସହାୟତାର ହାତ ବଢାଇଥାନ୍ତି କିଛି ସହୃଦୟ ବ୍ୟକ୍ତି ; ଯାହାକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରତିଶ୍ରୁତିର ହାତ'ଟି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। 'ପରାନ୍ଦା ଫ୍ୟାଶନ' ସମ୍ପର୍କରେ ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ ପଢି ବହୁ ଅଜଣା କଥା ଜାଣିହେଲା।
**– ମମତା ପଟ୍ଟନାୟକ, ଚାନ୍ଦବାଲି, ଭଦ୍ରକ**

❖ବ୍ୟକ୍ତିତ୍ୱ ପୃଷ୍ଠାରୁ ସ୍ଥପତି ଉଦୟ ମହାନ୍ତିଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଅଦୃଶ୍ୟ' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ଏପରିକି 'ତ୍ରିଶଙ୍କୁ ଚିତ୍ରକାର' ଶୀର୍ଷକ କବିତାଟି ବି ଖୁବ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଶେଷରେ ମନ ଭାଙ୍ଗିଲା', 'ଚାହିଁ ଥିବି ତୋତେ ହଜାରେ ବରଷ', 'ସମୟାନୁବର୍ତ୍ତୀ ଆମୀର' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଖୁବ୍ ମର୍ମସ୍ପର୍ଶୀ ହୋଇଥିଲା।
**–ପଙ୍କଜ ସେଠୀ, ସୋର, ବାଲେଶ୍ୱର**

❖ପ୍ରଥମ ରୋଜଗାର ସ୍ତମ୍ଭରୁ ପ୍ରଫେଶନାଲ୍ ମେକ୍‌ଅପ୍ ଆର୍ଟିଷ୍ଟ ତଥା ଫ୍ୟାଶନ ଡିଜାଇନର୍ ସୋନାଲି ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି ବେଶ୍ ଭଲ ଲାଗିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍‌ଭରା ଲାଗୁଥିଲା। 'ଇଏ ବି ଖାଦ୍ୟ' ପାଠରୁ କେତେକ ଅଜବ ଖାଦ୍ୟ ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ଲାଗିଲା। ମଡେଲ୍ ମିରର୍‌ରେ ଆଦର୍ଶ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ।
**–ସଞ୍ଜୁସ୍ମିତା ଦାଶ, ଜଙ୍କିଆ, ଖୋର୍ଦ୍ଧା**

❖ସହର ପୃଷ୍ଠାରୁ ଆନ୍ଧ୍ରପ୍ରଦେଶର ଉଟି ଅରକୁ ଘାଟି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। 'ଟୁଥ୍‌ବ୍ରଶ'ର ଇତିହାସ ସମ୍ପର୍କରେ ବିବିଧା ପୃଷ୍ଠାରୁ ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ଭୂତ ବାହାଘର, ଓଲଟା ଗଛ, ଯୁଭି ଟାଟୁ, ଭୂମିକମ୍ପରୁ ରକ୍ଷା କରିବ ଖଟ ଇତ୍ୟାଦି ପାଠଗୁଡ଼ିକ ପଢିବାକୁ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ଏଥରର ବ୍ୟଙ୍ଗ 'ପରଫେକ୍ଟ ଯୋଡ଼ି' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। **– ଝରଣା ସାହୁ, ନଖରା, କଟକ**

## ବିଶେଷ ଚିଠି




ଛୁଟିଦିନ ତୁମେ ଭାରି ବଢିଆ
ପ୍ରଚ୍ଛଦ ତୁମର କରେ କିମିଆ
ସାଥୀର ଉତ୍ତର ମନେ ଜଳାଏ ନିଆଁ
ସେଥିପାଇଁ ଲାଗେ ଭାରୀ ଛାନିଆ।
ତଥାପି ତୁମକୁ ଭଲପାଉ,
ମନରେ ତୁମକୁ ରଖିଥାଉ,
କେବେ ଭୁଲିବନି ଆମକୁ
ଯଶ ରହୁ ତୁମ କାଳକାଳକୁ।
**–ଦିନଦୟାଲ ମାରାଣ୍ଡି, ସୁନାବେଡ଼ା, କୋରାପୁଟ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ସ୍ୱୟଂସିଦ୍ଧା

ଯେଉଁଠି କେବଳ 'ନା' 'ନା'ର କଥା ଥିଲା ସେମାନେ କିନ୍ତୁ 'ହଁ' ପାଇଁ ଅଡ଼ି ବସିଥିଲେ। ପାରିବି ନାହିଁର ଶବ୍ଦ ନ ଥିଲା ଏମାନଙ୍କ ଶବ୍ଦ କୋଷରେ। ସବୁ ପ୍ରତିକୂଳ ପରିସ୍ଥିତିକୁ କେମିତି ଅନୁକୂଳ ପରିସ୍ଥିତିରେ ପରିବର୍ତ୍ତନ କରାଯାଇପାରେ ସେ ରାସ୍ତା ଏମାନଙ୍କୁ ବେଶ୍ ଜଣାଥିଲା। ଜାଣିଥିଲେ, ଆଉ ଦୁନିଆକୁ ଜଣେଇ ବି ଦେଲେ ଯେ ଏମିତି କିଛି ରାସ୍ତା ନାହିଁ କି, ଏମିତି କିଛି କାମ ନାହିଁ ଯାହା ନାରୀଙ୍କ ପକ୍ଷେ ଅଗମ୍ୟ ଆଉ ଅସମ୍ଭବ।

## ସିଆଚେନ୍‌ରେ ସାହସୀ ଶିବା

ସିଆଚେନ୍! ପୃଥିବୀର ଉଚ୍ଚତମ ଯୁଦ୍ଧକ୍ଷେତ୍ର। ୨୦ ହଜାର ଫୁଟ୍ ଉଚ୍ଚତାବିଶିଷ୍ଟ ଏହି ସ୍ଥାନରେ ୧୯୮୪ ମସିହାରୁ ମଝିରେ ମଝିରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଛି। ଏହା ଏମିତି ଏକ ସ୍ଥାନ, ଯେଉଁଠି ତାପମାତ୍ରା କେବେ ବି ଜିରୋ ଡିଗ୍ରୀର ଊର୍ଦ୍ଧ୍ୱକୁ ଯାଇନି। ଶୀତଦିନେ ମାଇନସ୍ ୪୦ରୁ ମାଇନସ୍ ୬୦ ଡିଗ୍ରୀ ତାପାମାତ୍ରା ରହୁଥିବା ଏହି ସ୍ଥାନରେ ଭାରତ ମାତାର ସୁରକ୍ଷା ଦାୟିତ୍ୱରେ ଜଣେ ଝିଅ ଅଛନ୍ତି, ଏ କଥା କାହାକୁ ବି ଚକିତ କରି ଦେଇପାରେ। ହେଲେ ଏହାକୁ ସତ କରି ଦେଖାଇଛନ୍ତି କ୍ୟାପଟେନ୍ ଶିବା ଚୌହାନ। ୨୦୨୩ ଜାନୁୟାରୀ ୨ ତାରିଖରେ ଭାରତୀୟ ସେନାର ପ୍ରଥମ ମହିଳା ଅଧିକାରୀ ଭାବରେ ସିଆଚେନ୍‌ର 'କୁମାର ପୋଷ୍ଟ'ରେ ଶିବାଙ୍କ ନିଯୁକ୍ତି ଭାରତ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡିଛି।

୧୯୯୭ ଜୁଲାଇ ୧୮ ତାରିଖରେ ରାଜସ୍ଥାନର ଉଦୟପୁରରେ ଜନ୍ମିତ ଶିବାଙ୍କୁ ଯେତେବେଳେ ୧୧ ବର୍ଷ ବୟସ, ସେତେବେଳେ ତାଙ୍କ ପିତା ରାଜେନ୍ଦ୍ର ସିଂ ଚୌହାନଙ୍କର ଦେହାନ୍ତ ହୁଏ। ରାଜେନ୍ଦ୍ରଙ୍କର ଏକ ରେଡିୟମ୍ ନମ୍ବର ପ୍ଲେଟ ଦୋକାନ ଥିଲା, ଯେଉଁଥିରେ ପରିବାର ଚଳୁଥିଲା। ପିତାଙ୍କ ଦେହାନ୍ତ ପରେ ଘରର ଆର୍ଥିକ ସ୍ଥିତି ବିଗିଡ଼ିବାକୁ ଲାଗିଲା। ମା' ଅଞ୍ଜଳି ଚୌହାନ ଛୋଟମୋଟ କାମ କରିବାକୁ ବାଧ୍ୟ ହେଲେ। ଏସବୁ ଦେଖି ବଡ ଭଉଣୀ ଶୁଭାମ ଓ ନିଜର ପଢା ଖର୍ଚ୍ଚ ତୁଲାଇବା ପାଇଁ ଶିବା ନବମରେ ପଢ଼ିବାବେଳେ ଟ୍ୟୁସନ ଆରମ୍ଭ କଲେ। ସେଣ୍ଟ ଆଣ୍ଟୋନୀ ସିନିୟର ସେକେଣ୍ଡାରୀ ସ୍କୁଲ୍‌ରୁ ଉତ୍ତୀର୍ଣ୍ଣ ହେବାପରେ, ସେ ଉଦୟପୁର ଏନ୍‌ଜେଆର୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରୁ ସିଭିଲ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କଲେ। ତେବେ ପିଲାଦିନୁ ତାଙ୍କର ଇଚ୍ଛା ଥିଲା ଭାରତୀୟ ସେନାରେ କାମ କରିବେ। ତେଣୁ ପଢ଼ା ଶେଷ ପରେ ତିନି ସୈନ୍ୟ ବାହିନୀ ପାଇଁ ଉଦ୍ଦିଷ୍ଟ ପରୀକ୍ଷା ସେ ଦେଇଥିଲେ। ଆଉ ସବୁଠି ଯୋଗ୍ୟ ବିବେଚିତ ମଧ୍ୟ ହେଲେ। ତେବେ କର୍ମକ୍ଷେତ୍ର ପାଇଁ ଶିବା ସ୍ଥଳସେନାକୁ ହିଁ ବାଛିଥିଲେ। ଆଉ ୨୦୨୦ରେ ବିଧିବଦ୍ଧ ଭାବରେ ଚେନ୍ନାଇସ୍ଥିତ ଅଫିସର୍ସ ଟ୍ରେନିଂ ଏକାଡେମୀରେ ଯୋଗଦେଲେ। ସବୁଠୁ ଖୁସିର କଥା ଥିଲା, ୧୪ତମ ଫାୟାର୍ ଆଣ୍ଡ୍ ଫ୍ୟୁରି କର୍‌ରେ କ୍ୟାପଟେନ୍ ହେବା ପରେ ୧୮ ଜୁଲାଇରେ ତାଙ୍କ ଜନ୍ମଦିନରେ ହିଁ ସେ ନିଯୁକ୍ତି ପାଇଲେ। କ୍ୟାପଟେନ୍ ଭାବେ ଗଲୱାନ୍‌ରେ ଚାଇନା ସେନାକୁ ପରାସ୍ତ କରିବାରେ ତାଙ୍କର ଥିଲା ପ୍ରମୁଖ ଭୂମିକା। ୨୦୨୧ ମେ'ରେ ସେ ବେଙ୍ଗଲ ସାପର ଅଫିସର ଭାବରେ କାର୍ଯ୍ୟ କରିଥିଲେ। କିନ୍ତୁ ତାଙ୍କ ପାଇଁ ସବୁଠୁ ବଡ ଗୌରବର କଥା ଥିଲା, ଯେତେବେଳେ ୨୦୨୩ ଜାନୁୟାରୀରେ ସେ ସିଆଚେନ୍‌ରେ ନିଯୁକ୍ତି ପାଇଲେ। ନିଜର ଦୁଃସାହସିକ ପଦକ୍ଷେପ ପାଇଁ ସର୍ବଦା ଚର୍ଚ୍ଚାରେ ରହୁଥିବା ଶିବା କାର୍‌ଗିଲ୍ ବିଜୟ ଦିବସରେ ସୁରାସୋଇ ସାଇକେଲ ଅଭିଯାନର ନେତୃତ୍ୱ ନେଇ ସିଆଚେନ୍ ୱାର୍ ମେମୋରିଆଲ୍‌ରୁ କାର୍‌ଗିଲ୍ ୱାର୍ ମେମୋରିଆଲ୍‌କୁ ଯାତ୍ରା କରିଥିଲେ। ଦୃଢ଼ମନା ଶିବାଙ୍କ ଦୁଃସାହସିକ ପଦେକ୍ଷପ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କଠାରୁ ଆରମ୍ଭ କରି ସବୁ ବର୍ଗରୁ ତାଙ୍କୁ ମିଳିଛି ଅନେକ ଶୁଭେଚ୍ଛା ଓ ପ୍ରଶଂସା। ଶିବାଙ୍କ ଦକ୍ଷତା ଆଗାମୀ ସମୟରେ ପ୍ରତିରକ୍ଷା କ୍ଷେତ୍ରରେ ଆସିବା ପାଇଁ ଝିଅମାନଙ୍କୁ ଯେ ନିଶ୍ଚିତ ପ୍ରେରଣା ଦେବ ଏକଥା ନିଃସନ୍ଦେହ।

## ହାର୍ ମାନିଛି ବୟସ

ଦୃଢ ଇଚ୍ଛାଶକ୍ତି ଆଗରେ ସବୁକିଛି ହାର୍ ମାନିଥାଏ। ଏମିତିକି ବୟସ ବି। ବୟସ କେବଳ ଗୋଟିଏ ସଂଖ୍ୟା ମାତ୍ର ; ଯାହା ପ୍ରମାଣିତ କରିଛନ୍ତି ଭଗୱାନି ଦେବୀ ଡାଗର୍। ୯୪ ବର୍ଷ ବୟସରେ ସେ ୱାର୍ଲ୍ଡ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ରେ ସ୍ୱର୍ଣ୍ଣପଦକ ହାସଲ କରି ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୧୦୦ ମିଟର ଦୌଡ଼କୁ ସେ ୨୪.୭୪ ସେକେଣ୍ଡରେ ଅତିକ୍ରମ କରି ଭାରତ ପାଇଁ ଏହି ଗୌରବ ଆଣିଛନ୍ତି। ସାଧାରଣତଃ ୩୫ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ବିଭିନ୍ନ ବର୍ଗକୁ ନେଇ ୩୫ରୁ ୧୦୫ ବର୍ଷ ଯାଏ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଅତି ବର୍ଗରେ ଭଗୱାନି ଦେବୀ ଅଂଶଗ୍ରହଣ କରି କେବଳ ସଫଳତା ପାଇଲେ ସେକଥା ନୁହେଁ ବରଂ ପ୍ରମାଣ କରିଦେଲେ ଯେ, ଦୃଢ ଇଚ୍ଛାଶକ୍ତି ଆଗରେ ବୟସ କେବେ ପ୍ରତିବନ୍ଧକ ହେବନାହିଁ। ହରିୟାଣାର ଖିଡ୍‌କା ଗ୍ରାମରେ ୧୯୨୮ ମସିହାରେ ଜନ୍ମଗ୍ରହଣ କରିଥିବା ଭଗୱାନିଙ୍କ ଜୀବନ ବେଶ୍ ସଂଘର୍ଷମୟ। ୨୯ ବର୍ଷ ବୟସରେ ତାଙ୍କ ସ୍ୱାମୀଙ୍କର ଦେହାନ୍ତ ହୋଇଥିଲା, ଯେତେବେଳେ କି ସେ ଅନ୍ତଃସତ୍ତ୍ୱା ଥିଲେ। ତା'ର ୪ବର୍ଷ ପରେ ତାଙ୍କ ବଡ଼ ଝିଅ ୧୧ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। ତା'ପରେ ତାଙ୍କର ଏକ ବାଇପାସ୍ ସର୍ଜରି ବି ହୋଇଛି। ତେବେ ଭଗୱାନିଙ୍କ ବିଷୟରେ ସବୁଠୁ ଚକିତ କରିଦେବା ବିଷୟ ହେଉଛି ୨୦୨୨ରେ ହିଁ ସେ ତାଙ୍କ କ୍ରୀଡ଼ା ଜୀବନ ଆରମ୍ଭ କରିଛନ୍ତି।



ମେହରୁନ୍ନିସା ସୌକତ ଅଲ୍ଲୀ





ଭଗୱାନି ଦେବୀ ଡାଗର



ପ୍ରଥମେ ଦିଲ୍ଲୀ ଷ୍ଟେଟ୍ ମାଷ୍ଟର୍ସ ଆଥଲେଟିକ୍ ମିଟ୍‌ରେ ୧୦୦ ମିଟର ଦୌଡ଼, ଜାଭ୍‌ଲିନ୍ ଥ୍ରୋ ଓ ଶଟ୍‌ପୁଟ୍‌ରେ ୩ଟି ସ୍ୱର୍ଣ୍ଣପଦକ ଜିତିଥିବା ଭଗୱାନିଙ୍କର ସଫଳତା ବିଷୟରେ ତାଙ୍କ ନାତି ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରପ୍ରାପ୍ତ ପାରା ଆଥ୍‌ଲେଟ୍ ବିକାଶ ଡାଗର୍ କୁହନ୍ତି, ଜେଜେମା' ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ୩ କି.ମି. ଚାଲନ୍ତି। କିନ୍ତୁ ସେ ଜାଣି ନ ଥିଲେ ଜେଜେମା'ଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ଅଛି। ଥରେ ରାତିରେ ଜେଜେମା' ତାଙ୍କୁ ଶଟ୍‌ପୁଟ୍ ଦେବାକୁ କହିଥିଲେ। ତା'ପରଦିନ ସକାଳେ ତାଙ୍କୁ ଉଠାଇ ବଲ୍ ଦେବାକୁ କହିଲେ। ସେହି ଦିନଠୁ ଜେଜେମା' ଓ ସେ ପଡ଼ିଆକୁ ଯାଇ ଖେଳ ଅଭ୍ୟାସ କଲେ। ଆଗରୁ ବି ଭଗୱାନି ଦେବୀ ଚାଲିବା ସହିତ ୩ ମହଲା ଘରକୁ ଶିଡିରେ ସବୁବେଳେ ଯିବାଆସିବା କରୁଥିଲେ। କ୍ରୀଡ଼ା ଅଭ୍ୟାସ କରିବା ପରେ ବିକାଶ ହିଁ ତାଙ୍କୁ ଉତ୍ସାହିତ କରିଥିଲେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗ ନେବାପାଇଁ। ୨୦୨୨ ମେ' ମାସରେ ଭଗୱାନି ଚେନ୍ନାଇରେ ଅନୁଷ୍ଠିତ ନ୍ୟାଶନାଲ୍ ମାଷ୍ଟର୍ସ ଆଥ୍‌ଲେଟିକ୍ସରେ ଭାଗ ନେଇ ୩ଟି ସ୍ୱର୍ଣ୍ଣପଦକ ଜିତିବା ପରେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଶେଷରେ ଫିନ୍‌ଲାଣ୍ଡରେ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାଗ ନେଇ ଭାରତ ପାଇଁ ଗୌରବ ଆଣିବାରେ ସକ୍ଷମ ହେଲେ। ଏହାପରେ ସେ ୨୦୨୩ରେ ପୋଲାଣ୍ଡର ତୋରୁନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ୱାର୍ଲ୍ଡ ମାଷ୍ଟର୍ସ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ଶିପ୍‌ରେ ମଧ୍ୟ ଅଂଶଗ୍ରହଣ କରିବେ। ସତରେ ଭଗୱାନି ପ୍ରମାଣ କରିଦେଲେ ଯେ ଦୃଢ଼ ଇଚ୍ଛାଶକ୍ତି ଯେ କୌଣସି ଅସମ୍ଭବକୁ ବି ସମ୍ଭବ କରିପାରେ।

## ସେନାର ଉଡ଼ନ୍ତା ରାଣୀ

ମିଲିଟାରୀ କ୍ୟାଣ୍ଟନ୍‌ମେଣ୍ଟରେ ସେନା ୟୁନିଫର୍ମ ପିନ୍ଧା ମଣିଷମାନଙ୍କୁ ଦେଖି ବଢିଛନ୍ତି କିନ୍ତୁ କେବେ ଭାବି ନ ଥିଲେ ଦିନେ ସେ ବି ୟୁନିଫର୍ମ ପିନ୍ଧି ଜନ୍ମମାଟି ପାଇଁ ନିଜର କର୍ତ୍ତବ୍ୟ କରିବେ। ଇଏ ହେଲେ ଇଣ୍ଡିଆନ୍ ଆର୍ମିର ଲଢୁଆ ହେଲିକପ୍ଟରର ପ୍ରଥମ ମହିଳା ପାଇଲଟ୍ କ୍ୟାପଟେନ୍ ଅଭିଲାଷା ବାରାକ। ତାଙ୍କ ପିତା ଥିଲେ ଜଣେ କଲୋନେଲ। ୨୦୧୧ରେ ବାପା ଅବସର ନେବା ପରେ ହିଁ ତାଙ୍କ ଭିତରେ ସେନାରେ କାମ କରିବାର ଇଚ୍ଛା ଆସିଲା। ଆଉ ଏହି ଇଚ୍ଛା ସେତିକିବେଳେ ଦୃଢ଼ ହେଲା ଯେତେବେଳେ ସେ ତାଙ୍କ ବଡ଼ ଭାଇଙ୍କୁ ଇଣ୍ଡିଆନ ମିଲିଟାରୀ ଏକାଡେମୀରେ ପରେଡ୍ କରୁଥିବାର ଦେଖିଲେ। ୧୯୯୪ ମସିହାରେ ତାମିଲନାଡୁର ୱେଲିଙ୍ଗଟନ୍‌ରେ ଜନ୍ମଗ୍ରହଣ କରିଥିବା ଅଭିଲାଷା ଭାରତର ବିଭିନ୍ନ ଜାଗାରେ ତାଙ୍କ ପାଠପଢା ଶେଷ କରିଛନ୍ତି। କାରଣ ତାଙ୍କ ବାପା ହେଉଛନ୍ତି ଆର୍ମି ଅଫିସର। ହିମାଚଳ ପ୍ରଦେଶର ସନୱାରସ୍ଥିତ ଲରେନ୍ସ ସ୍କୁଲରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ଅଭିଲାଷା ପରେ ଦିଲ୍ଲୀ ବସନ୍ତ ବିହାରସ୍ଥିତ ତାପୋର ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢିଥିଲେ। ପରେ ସେ ଦିଲ୍ଲୀ ଟେକ୍ନୋଲୋଜିକାଲ ୟୁନିଭରସିଟିରୁ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂରେ ବିଟେକ୍ କରନ୍ତି। ୨୦୧୪ରେ ସେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ରେ ଟ୍ରେନି ଭାବେ ଯୋଗ ଦିଅନ୍ତି। ତେବେ ୨୦୧୮ରେ ଭାରତୀୟ ଆର୍ମିର ଚେନ୍ନାଇଠାରେ ଅଫିସର୍ ଟ୍ରେନିଂ ଏକାଡେମୀରେ ଯୋଗଦେଇ ସେ କ୍ୟାରିୟର ଆରମ୍ଭ କରନ୍ତି। ଏହିଠାରେ ତାଙ୍କ କାର୍ଯ୍ୟଦକ୍ଷତା ବରିଷ୍ଠଙ୍କ ଦୃଷ୍ଟିଆକର୍ଷଣ କରେ। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ଆର୍ମି ଏୟାର ଡିଫେନ୍ସକୁ ପ୍ରେଜେଣ୍ଟେଶନ ଅଫ୍ କଲର୍ସ ଦିଆ ଯିବାବେଳେ ତାଙ୍କୁ କଣ୍ଟିନ୍‌ଜେଣ୍ଟ କମାଣ୍ଡର ଭାବେ ଚୟନ କରାଯାଇଥିଲା। ପରେ ସେ ଆର୍ମି ଏୟାର ଡିଫେନ୍ସ ୟଙ୍ଗ ଅଫିସର୍ସ କୋର୍ସରେ ଏ ଗ୍ରେଡ୍ ପାଇଥିଲେ। ଏହାସହ ସେ ଏୟାର୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ଓ ଏୟାର୍ ଲ'ରେ ମଧ୍ୟ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ତେବେ ଆଜି ଯେଉଁଥିପାଇଁ ସେ ଶିରୋନାମାରେ ଆସିଛନ୍ତି ସେହି ମୁହୂର୍ତ୍ତର ଆରମ୍ଭ ସେତିକିବେଳେ ହୋଇଥିଲା ଯେତେବେଳେ ସେ ଅଫିସର୍ସ ଟ୍ରେନିଂ ଏକାଡେମୀରୁ ଉତ୍ତୀର୍ଣ୍ଣ ହେବା ପରେ ଆର୍ମି ଆଭିଏଶନ୍ ପାଇଁ ନିଷ୍ପତ୍ତି ନେଲେ। ତାଙ୍କର ବିଶ୍ୱାସ ଥିଲା କି ସେ ନିଶ୍ଚୟ ସଫଳତା ପାଇବେ। ଆଉ ଯାହା ପରବର୍ତ୍ତୀ ସମୟରେ ଇତିହାସରେ ଲେଖାହେଲା, ତାହା ଥିଲା



କ୍ୟାପଟେନ୍ ଶିବା ଚୌହାନ

ତାଙ୍କ ଦୃଢ଼ ବିଶ୍ୱାସର ଫଳ। ମେ' ୨୬ ତାରିଖରେ ଇଣ୍ଡିଆନ ଆର୍ମିର ପ୍ରଥମ ମହିଳା ଲଢୁଆ ପାଇଲଟ୍ ଭାବରେ ଅଭିଲାଷା ଇତିହାସ ରଚିଲେ। ତାଙ୍କୁ ମିଶାଇ ନାଶିକ୍‌ରେ ୧୫ଜଣ ପ୍ରଶିକ୍ଷଣ ନେଉଥିଲେ। କିନ୍ତୁ ତାଙ୍କ ସାହସ ଓ ଦୃଢ଼ ମନୋବଳ ତାଙ୍କୁ ଶିର୍‌ପା ପିନ୍ଧାଇଥିଲା। ପୂରା ପରିବାର ତାଙ୍କ ଦେଶ ସେବାରେ ଥିବାବେଳେ ସେ ବି ଏବେ ସାମିଲ ହୋଇଛନ୍ତି, ଯେଉଁଥିପାଇଁ ସେ ଖୁବ୍ ଖୁସି। ଲଢୁଆ ହେଲିକପ୍ଟରର ପାଇଲଟ୍ ଭାବରେ ତାଙ୍କ ପାଖରେ ଦାୟିତ୍ୱ ଯେତିକି ଆହ୍ୱାନ ବି ସେତିକି।

## ପ୍ରଥମ ମହିଳା ବାଉନ୍ସର୍

ଝିଅମାନେ ପାଠ ପଢ଼ିଲେ କାଳେ ନିଜ ପସନ୍ଦରେ ବିବାହ କରିଦେବେ ଏହି ଡରରେ ତାଙ୍କ ବାପା ଘରେ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦେଉଥିଲେ। କିନ୍ତୁ ବାପାଙ୍କର ଏହି ରକ୍ଷଣଶୀଳ ଚିନ୍ତାଧାରା ବିରୋଧରେ ସ୍ୱର ଉଠାଇଥିଲେ ମା'। ମା'ଙ୍କର ପ୍ରଚେଷ୍ଟାରେ ପାଠ ପଢ଼ି ଏବେ ପରିବାରର ଦାୟିତ୍ୱ ନେବା ସହିତ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସେ। ଇଏ ହେଲେ ପ୍ରଥମ ବାଉନ୍ସର୍ ମେହରୁନିସା ସୌକତ ଅଲ୍ଲୀ। ଏକ ରକ୍ଷଣଶୀଳ ପରିବାରରୁ ଆସି ପୁଣି ଏକ ପୁରୁଷପ୍ରଧାନ ପେସାକୁ ଆପଣେଇବାର ଯାତ୍ରା ମେହରୁନିସାଙ୍କ ପାଇଁ ଆଦୌ ସହଜ ନ ଥିଲା। ସାଧାଣରତଃ ନାଇଟ କ୍ଲବ୍ ବା ସେମିତି କୌଣସି ସଂସ୍ଥାରେ ଶୃଙ୍ଖଳା ପାଇଁ ନିୟୋଜିତ ବ୍ୟକ୍ତିବିଶେଷଙ୍କୁ ବାଉନ୍ସର୍ କୁହାଯାଏ। ଏମାନଙ୍କ କାମ ହେଲା ନିଶାସକ୍ତ ବା ବିଶୃଙ୍ଖଳାକାରୀଙ୍କୁ କାବୁ କରିବା। ତେଣୁ ଆଜି ପର୍ଯ୍ୟନ୍ତ ଏହି ପେସା କେବଳ ପୁରୁଷଙ୍କ ଅକ୍ତିଆରରେ ଥିଲା; ସେ ପୁଣି ବଳବାନ୍ ପୁରୁଷ। ହେଲେ ମେହରୁନିସା ଥିଲେ ସମ୍ପୂର୍ଣ୍ଣ ଭିନ୍ନ। କେବଳ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଧାରଣା ଥିବା ଏହି ପେସାର ପରିଚୟ ବଦଳେଇ ସେ ହେଲେ ପ୍ରଥମ ମହିଳା ବାଉନ୍ସର୍।

ଉତ୍ତରପ୍ରଦେଶର ସାହରନ୍‌ପୁରର ଏକ ମୁସଲମାନ ପରିବାରରେ ମେହରୁନିସାଙ୍କର ଜନ୍ମ। ମା'-ବାପାଙ୍କ ଚାରିଝିଅ ମଧ୍ୟରେ ସେ ହେଲେ ଦ୍ୱିତୀୟ। ସେ ଏକାଦଶରେ ପଢୁଥିବା ସମୟରେ ବାପାଙ୍କ ବ୍ୟବସାୟରେ ଖୁବ୍ କ୍ଷତି ହେଲା। ପରିବାର ଆର୍ଥିକ ସଙ୍କଟ ଦେଇ ଗତିକଲା। କେମିତି ଚାକିରି କରି ପରିବାରର ଦାୟିତ୍ୱ ନେବେ ସେହି ଚିନ୍ତାରେ ଥାଆନ୍ତି ମେହରୁନିସା। କିନ୍ତୁ ତାଙ୍କର ଇଚ୍ଛା ଥାଏ ପୋଲିସ ବିଭାଗ କିମ୍ବା ସେନାରେ କାମ କରିବା; ଯେଉଁଥିପାଇଁ ସେ ସ୍କୁଲ ସମୟରୁ ଏନ୍‌ସିସି କ୍ୟାଡେଟ୍ ଭାବରେ ପ୍ରଶିକ୍ଷଣ ନେବା ସହ କରାଟେ ମଧ୍ୟ ଶିଖୁଥିଲେ। ସୈନ୍ୟବାହିନୀ ଓ ପୋଲିସ ବିଭାଗରେ ଆବେଦନ କରି ପରୀକ୍ଷା ବି ଦେଇଥିଲେ କିନ୍ତୁ କୌଣସିଥିରେ ସଫଳ ହେଲେ ନାହିଁ। ଏ ଭିତରେ ସେ ନୂଆଦିଲ୍ଲୀରେ ହେଉଥିବା 'ଇଣ୍ଡିଆନ୍ ଆଇଡଲ୍'ରେ ଭାଗ ନେବାକୁ ଯାଇଥିବାବେଳେ ପ୍ରଥମ ଥର ବାଉନ୍ସର୍‌ଙ୍କୁ ଭେଟିଲେ। ସେହି ମୁହୂର୍ତ୍ତରେ ସେ ଚିନ୍ତା କରିଥିଲେ, ସେ ବି ଜଣେ ବାଉନ୍ସର୍ ହେବେ। ଆଗରୁ ଲୋକମାନଙ୍କୁ ସୁରକ୍ଷା ଦେଉଥିବା ମହିଳାମାନଙ୍କୁ ସିକ୍ୟୁରିଟି ଗାର୍ଡ ବା ବଡିଗାର୍ଡ କୁହାଯାଉଥିଲା। କିନ୍ତୁ ଏହାକୁ ବିରୋଧ କଲେ ମେହରୁନିସା। ମହିଳାମାନଙ୍କୁ ବାଉନ୍ସର୍ ବୋଲି କୁହାଯିବାକୁ ସେ ଦାବି କଲେ; ଯେଉଁଥିପାଇଁ ତାଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ବି ପଡିଲା। ଏହି ସମୟରେ ଦିଲ୍ଲୀର ଏକ ସଂସ୍ଥା ମହିଳା ବାଉନ୍ସର୍ ଚାହୁଁଥିବା ଜାଣିବା ପରେ ସେ ସେଠାରେ ଆବେଦନ କଲେ ଓ ସଫଳ ହେଲେ। ହେଲେ ସେତେବେଳେ ସମସ୍ୟା ହେଲା ନିଜ ପରିବାରକୁ ନିଜ କାର୍ଯ୍ୟ ସମ୍ପର୍କରେ ବୁଝାଇବା। କାରଣ ସମସ୍ତଙ୍କୁ ଜଣାଥିଲା ଏହା ପୁରୁଷମାନଙ୍କ କାମ। ଏପଟେ ପରିବାରର ଆର୍ଥିକ ସ୍ଥିତି ବି ଖରାପ ଥାଏ। ଦେଖିବାକୁ ଗଲେ, ପରିବାରର ଏହି ସ୍ଥିତି ବି ତାଙ୍କୁ ବାଉନ୍ସର୍ ହେବା ପାଇଁ ବାଟ କଢାଇ ନେଲା। ପରିବାରର ପୁରା ଦାୟିତ୍ୱ ଏବେ ତାଙ୍କ ଉପରେ।

ଦିନଥିଲା ମାତ୍ର ୧୨ ବର୍ଷ ବୟସରେ ତାଙ୍କ ବାପା ତାଙ୍କୁ ବାହା କରିଦେବାକୁ ଚାହୁଁଥିଲେ, ଟାଇଫଏଡ୍ ଯୋଗୁ ସେ ଶଯ୍ୟାଶାୟୀ ହୋଇଗଲେ। ହେଲେ ରୋଗରୁ ଆରୋଗ୍ୟ ହେବା ପରେ ନିଜ ହିସାବରେ ଜୀବନ ଜିଇବାର ଝୁଙ୍କ୍ ରହିଲା ତାଙ୍କ ଭିତରେ। କମ୍ ବୟସରେ ବିବାହ କରି ଭଉଣୀ ଯେଉଁ ଦୁଃଖ ଯନ୍ତ୍ରଣା ସହୁଥିଲେ, ତାହା ତାଙ୍କୁ ମର୍ମାହତ କରୁଥିଲା। ସବୁଠୁ ବେଶି କଷ୍ଟ ପାଇଲେ ଯେତେବେଳେ ଭଉଣୀ ଦୁର୍ଘଟଣାଗ୍ରସ୍ତ ହୋଇ ଦିବ୍ୟାଙ୍ଗ ହୋଇଗଲେ। ଭିଣୋଇ ତିନି ପିଲାଙ୍କ ସହ ତାଙ୍କୁ ଆଣି ବାପଘରେ ଛାଡି ଦେଇଗଲେ। ପରିବାରର ଆର୍ଥିକ ସ୍ଥିତି ଉପରେ ଏହା ଯେମିତି ଆଉ ଏକ ବୋଝ ହୋଇଗଲା। ତେବେ ମେହରୁନିସା କିନ୍ତୁ ସମସ୍ତଙ୍କ ଦାୟିତ୍ୱ ନେବା ପାଇଁ ନିଷ୍ପତ୍ତି ନେଇଥିଲେ। ବାଉନ୍ସର୍ ହେବା ପରେ ତାଙ୍କ ଘରର ଆର୍ଥିକ ସ୍ଥିତି ବଦଳିଗଲା। ଏବେ ନିଜ ସାନ ଭଉଣୀଙ୍କୁ ବାଉନ୍ସର କରିବା ସହିତ ଦୁଇଜଣଙ୍କ ସହ ମିଶି 'ମର୍ଦାନୀ ବାଉନ୍ସର ଆଣ୍ଡ ଡଲଫିନ୍ ସିକ୍ୟୁରିଟି ସର୍ଭିସ୍ ପ୍ରାଇଭେଟ ଲିମିଟେଡ୍' ନାମରେ ଏକ କମ୍ପାନୀ ଗଢିଛନ୍ତି। ଏହି ସଂସ୍ଥାରୁ ପ୍ରଶିକ୍ଷିତ ହୋଇ ଅନେକ ଶିକ୍ଷାର୍ଥୀ ବିଭିନ୍ନ ସଂସ୍ଥାରେ ଏବେ କାର୍ଯ୍ୟରତ। ତାଙ୍କର ଏହି ସଫଳତାରେ ତାଙ୍କ ବାପା କେବଳ ଖୁସି ନୁହନ୍ତି ତାଙ୍କ ରକ୍ଷଣଶୀଳ ଚିନ୍ତାଧାରାରେ ବି ଆସିଛି ପରିବର୍ତ୍ତନ। ସତରେ ଗୋଟେ ଚିରାଚରିତ ବ୍ୟବସ୍ଥା ବିରୋଧରେ ଲଢି ନିଜକୁ ଠିକ୍ ବୋଲି ପ୍ରତିପାଦିତ କରି ଛିଡ଼ା ହୋଇପାରିଥିବା ମେହରୁନିସା ନିଶ୍ଚିତ ଭାବରେ ଅନ୍ୟ ଝିଅମାନଙ୍କ ପାଇଁ ପ୍ରେରଣା।

ଏମାନଙ୍କ ପରି ଏମିତି ଅନେକ ମହିଳା ଅଛନ୍ତି, ଯେଉଁମାନେ ସ୍ରୋତରେ ଭାସି ନ ଯାଇ ସମସ୍ତଙ୍କ ଭିତରେ ଜଣେ ହେବା ପାଇଁ ହେଉ କି, ପୁରୁଷଙ୍କ ସହ ସମାନ ହେବା ପାଇଁ, ବ୍ୟବସ୍ଥା ସହ ଲଢିଛନ୍ତି କିନ୍ତୁ ହକ୍ ମାଗିନାହାନ୍ତି। ନିଜ ଯୋଗ୍ୟତାରେ ହକଦାର୍ ହୋଇଛନ୍ତି।

**-ରୋଜାଲିନ୍ ମହାନ୍ତି**




ଅଭିଲାଷା ବାରାକ


# ନୋଜ୍ ରିଂ: କିଛି କଥା


ନୋଜ୍ ରିଂ କେବଳ ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରେ ସେକଥା ନୁହେଁ, ସ୍ୱାସ୍ଥ୍ୟ ସହିତ ଜଡ଼ିତ ଅନେକ ସମସ୍ୟାରୁ ବି ଏହା ମୁକ୍ତି ଦେଇଥାଏ ବୋଲି ହୁଏତ ଅନେକଙ୍କୁ ଜଣା ନଥିବା ତା'ହେଲେ ଜାଣନ୍ତୁ ନୋଜ୍ ରିଂକୁ ନେଇ କ'ଣ ସବୁ ରହିଛି ରୋଚକ କଥା।














ହିନ୍ଦୁ ଧର୍ମରେ ଆଜକୁ ବହୁ ବର୍ଷ ତଳୁ ମହିଳାମାନେ ନୋଜ ରିଂ ବା ନାକଫୁଲ ଅଥବା ନୋଥ ପିନ୍ଧିବାର ପ୍ରଥା ଚାଲି ଆସିଛି। କିନ୍ତୁ ଏବେ ଏହାର ଓଲଟା ଦେଖିବାକୁ ମିଳୁଛି। ଆଉ ପ୍ରଥା ପାଇଁ ନୁହେଁ ବରଂ ଫ୍ୟାଶନ ପାଇଁ ଅନେକ ମହିଳା ତଥା ଯୁବତୀ ବିଭିନ୍ନ ଅକେଜନ୍‌ରେ ଲାଟେଷ୍ଟ ଡିଜାଇନର୍ ନୋଜ୍ ରିଂ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ତେବେ ସେ ପ୍ରଥା ହେଉ ଅବା ଫ୍ୟାଶନ ହେଉ, ନୋଜ୍ ରିଂ ପିନ୍ଧିବା ଦ୍ୱାରା ମହିଳାଙ୍କର କ'ଣ ସବୁ ଉପକାର ହୋଇଥାଏ ଜାଣନ୍ତୁ ସେ ସମ୍ପର୍କରେ...

**ଖରାପ ନଜରରୁ ରକ୍ଷା କରେ**


ମହିଳାଙ୍କର ଷୋହଳ ଶୃଙ୍ଗାର ମଧ୍ୟରୁ ନୋଜ୍ ରିଂ ବା ନୋଥ ହେଉଛି ଗୋଟିଏ। ଏହାକୁ ସୌଭାଗ୍ୟର ପ୍ରତୀକ ବୋଲି ବି କୁହାଯାଇଥାଏ। ଖାସ୍‌କରି ନବବଧୂ ପାଇଁ ଏହାକୁ ପିନ୍ଧିବା ଅତ୍ୟନ୍ତ ଶୁଭ ହୋଇଥାଏ। ଏହା କେବଳ ତା'ର ରୂପକୁ ସୁନ୍ଦର କରିଥାଏ ତାହା ନୁହେଁ ବରଂ ଅନେକ ଖରାପ ନଜରରୁ ତାକୁ ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି।

**ପୀଡ଼ାରୁ ମୁକ୍ତି ଦିଏ**

ମାସିକ ଋତୁସ୍ରାବବେଳେ ମହିଳାଙ୍କୁ ଅନେକ କଷ୍ଟ ସହିବାକୁ ପଡିଥାଏ। କିନ୍ତୁ ଆୟୁର୍ବେଦ ବିଜ୍ଞାନର ମାନ୍ୟତା ଅନୁସାରେ, ଯେଉଁ ମହିଳା ନାକର ଗୋଟିଏ ପୁଡ଼ାରେ ଛେଦ କରି ନୋଜ୍ ରିଂ ବା ନାକଫୁଲ ପିନ୍ଧିଥାନ୍ତି, ସେମାନଙ୍କୁ ଅନ୍ୟ ମହିଳାଙ୍କ ତୁଳନାରେ ଋତୁସ୍ରାବ ସମୟରେ କମ୍ କଷ୍ଟ ହୋଇଥାଏ। ସେହିପରି ଆୟୁର୍ବେଦ ବିଜ୍ଞାନ କହେ, ମହିଳାଙ୍କର ନାକରେ ହୋଇଥିବା ଛେଦ ସେମାନଙ୍କର ପ୍ରଜନନ ଅଙ୍ଗ ସହିତ ଜୋଡ଼ି ହୋଇ ରହିଥାଏ। ଯଦ୍ୱାରା ନାକଫୁଲ ପିନ୍ଧୁଥିବା ମହିଳାମାନଙ୍କୁ ପ୍ରସବ ସମୟରେ ବି କମ୍ କଷ୍ଟ ସହିବାକୁ ପଡିଥାଏ। ତେବେ ଏହା ପଛରେ କେତେ ସତ୍ୟତା ରହିଛି ତାହା ତ ଜଣାନାହିଁ। ଏହା କେବଳ ଲୋକଙ୍କ ବିଶ୍ୱାସ ଓ ଅବିଶ୍ୱାସ ଉପରେ ହିଁ ନିର୍ଭର କରେ।

**ସୌନ୍ଦର୍ଯ୍ୟ ବୃଦ୍ଧି କରେ**

କୁହାଯାଏ, ନୋଜ୍ ରିଂ ପିନ୍ଧିବା ଦ୍ୱାରା ମହିଳାଙ୍କର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଥାଏ। ସେଥିପାଇଁ ମାର୍କେଟ୍‌ରେ ଏହାର ବିଭିନ୍ନ ଭେରାଇଟି ଦେଖିବାକୁ ମିଳେ। କିନ୍ତୁ ସବୁ ଭେରାଇଟି ସବୁ ମହିଳାଙ୍କୁ ମାନେ ନାହିଁ। ଯେମିତିକି: ଯେଉଁ ମହିଳାଙ୍କର ନାକ ଲମ୍ବା ଓ ଶାର୍ପ, ସେମାନଙ୍କୁ ରିଂ ଷ୍ଟାଇଲ୍‌ର ନୋଜ୍ ରିଂ ମାନୁଥିବାବେଳେ ଯେଉଁ ମହିଳାଙ୍କର ନାକ ଟିକେ ଚଉଡ଼ା, ସେମାନଙ୍କୁ ଷ୍ଟଡ୍ ଷ୍ଟାଇଲ୍ ନୋଜ୍ ରିଂ ଭଲ ଦେଖାଯାଇଥାଏ। ସେହିପରି ହାର୍ଟ ଶେପ୍ ଫେସ୍ ଥିବା ମହିଳାଙ୍କୁ ଟିକେ ହେଭି ଷ୍ଟାଇଲ୍‌ର ନୋଜ୍ ରିଂ, ଡାଇମଣ୍ଡ ଶେପ୍ ଫେସ୍‌କୁ ଫ୍ଲୋରାଲ୍ ଡିଜାଇନ୍ ନୋଜ୍ ରିଂ, ରାଉଣ୍ଡ ଶେପ୍ ଫେସ୍‌କୁ ବିଡେଡ୍ ନୋଜ୍ ରିଂ ଏବଂ ଟିକେ ଚଉଡ଼ା ଫେସ୍ ଥିବା ମହିଳାଙ୍କୁ ହାଫ୍ ମୁନ୍ ଷ୍ଟାଇଲ୍ ନୋଜ୍ ରିଂ ଆଟ୍ରାକ୍ଟିଭ୍ ଲୁକ୍ ଦେଇଥାଏ। ଆଉ ଯଦି ପରଫେକ୍ଟ ବ୍ରାଇଡାଲ୍ ଲୁକ୍ ପାଇଁ ନୋଜ୍ ରିଂ ଚୟନର କଥା ଉଠେ, ତା'ହେଲେ ତ ଏହାର ଅନେକ ଅପ୍ସନ ଆପଣଙ୍କ ହାତରେ ରହିଛି। କେବଳ ନିଜ ଲୁକ୍‌କୁ ମାନିଲା ଭଳି ନୋଜ୍ ରିଂ ଚୟନ କରିବା ଆବଶ୍ୟକ।



# ଏକାରେ ଅନେକ :ସଂଘମିତ୍ରା



**ଏକାଧାରରେ ଜଣେ କବି, ନାଟ୍ୟକାର, ପ୍ରାବନ୍ଧିକ, ଅନୁବାଦକ, ସ୍ତମ୍ଭକାର ଓ ଶିଶୁ ସାହିତ୍ୟର ରଚୟିତା ପ୍ରଫେସର୍ ସଂଘମିତ୍ରା ମିଶ୍ର, ଦୀର୍ଘ ୬୦ ବର୍ଷ ଧରି ତାଙ୍କର ନିରବଚ୍ଛିନ୍ନ ସାହିତ୍ୟ ସାଧନା ଜାରି ରଖିଛନ୍ତି..**

ଶିକ୍ଷା ଓ ସାହିତ୍ୟ ପ୍ରତି ସମର୍ପିତ ତାଙ୍କ ସମଗ୍ର ଜୀବନ। ଦୀର୍ଘ ୬୦ ବର୍ଷ ଧରି ତାଙ୍କର ନିରବଚ୍ଛିନ୍ନ ସାହିତ୍ୟ ସାଧନା ଜାରି ରହିଛି। ଏକାଧାରରେ ସେ ଜଣେ କବି, ନାଟ୍ୟକାର, ପ୍ରାବନ୍ଧିକ, ଅନୁବାଦକ, ସ୍ତମ୍ଭକାର ଓ ଶିଶୁ ସାହିତ୍ୟର ରଚୟିତା। ଜଣେ ନିଆରା ସ୍ରଷ୍ଟା। ଓଡ଼ିଆ ସାହିତ୍ୟର ଏକ ଶ୍ରଦ୍ଧାଶୀଳ ନାମ ପ୍ରଫେସର୍ ସଂଘମିତ୍ରା ମିଶ୍ର । ସ୍ୱାଧୀନତା ସଂଗ୍ରାମୀ ପିତା ବଂଶୀଧର ମିଶ୍ର ଓ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଦେବୀଙ୍କ କନିଷ୍ଠ କନ୍ୟା ସଂଘମିତ୍ରାଙ୍କ ଜନ୍ମ ୧୯୫୩ ମସିହା କଟକ ଜିଲାର ଖଣ୍ଡ ସାହି ଗ୍ରାମରେ। ୧୯୬୮ରେ ମାଟ୍ରିକ,୧୯୭୩ରେ ବିଏ ଏବଂ ୧୯୭୫ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ସ୍ନାତକୋତ୍ତର ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ୧୯୭୭ ମସିହାରୁ ଓଡ଼ିଆ ବିଭାଗର ଅଧ୍ୟାପିକା ଭାବେ ବିଜେବି ଇଭିନିଂ କଲେଜ, ରମାଦେବୀ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଭାବେ ଶିକ୍ଷାଦାନ କରି ୨୦୧୩ ମସିହାରୁ ପ୍ରଫେସର ପଦବୀରୁ ଅବସର ଗ୍ରହଣ କରିଛନ୍ତି। ପିଲାଦିନର କଥା ମନେ ପକାଇ ଲେଖିକା କୁହନ୍ତି ଏକ ଶିକ୍ଷିତ,ସଂସ୍କାରୀ,ଧାର୍ମିକ ପରିବାରରେ ମୋର ଜନ୍ମ। ବାପା, ବୋଉ ଉଭୟ ଥିଲେ ଜଗନ୍ନାଥପ୍ରେମୀ, ଈଶ୍ୱର ବିଶ୍ୱାସୀ । ଶ୍ରଦ୍ଧା ଓ ଆକଟ ଭିତରେ କଟିଥିଲା ଶୈଶବ। ବଡ଼ ଭଉଣୀ କୃଷ୍ଣାବଲ୍ଲଭଠାରୁ ମୁଁ ପ୍ରାୟ ୨୫ ବର୍ଷ ସାନ ଥିଲି । ମାତୃତ୍ୱର ମମତା ତାଠୁ ବି ପାଇଛି। ତେବେ ମୋ ଲେଖକୀୟ ଜୀବନର ପ୍ରଥମ ପ୍ରେରଣା ଥିଲେ ମୋ ବାପା। ଜଣେ ଉଦାରବାଦୀ ଓ ସାହିତ୍ୟକୁ ପ୍ରଚୁର ଭଲ ପାଉଥିବା ମଣିଷ । ପୁସ୍ତକ ପଢ଼ିବାର ସୁଯୋଗ ସଭିଙ୍କୁ ମିଳୁ ଏପରି ଏକ ଭିନ୍ନ ଭାବନା ନେଇ ସେ ପ୍ରତିଷ୍ଠା କରିଥିଲେ ଆମ ନିଜସ୍ୱ ପାଠାଗାର, ଯେଉଁଥିରେ ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଇଂରାଜୀରେ ବହୁ ପ୍ରତିଷ୍ଠିତ ଲେଖକଙ୍କ ଲେଖା ପଢ଼ିପାରୁଥିଲେ ପାଠକ। ନିୟମିତ ସଂଧ୍ୟାରେ ବେଦ, ଭାଗବତ, ପୁରାଣ, ଶ୍ଲୋକ ବୁଝାଇବା ସହିତ ବୋଉର ବାରଣ ସତ୍ତ୍ୱେ(ଝିଅ ପିଲା ଚଣ୍ଡିପାଠ ନ କରୁ)ମୋ ଦ୍ୱାରା ଚଣ୍ଡିପାଠ କରାଉଥିଲେ। ଆଜି କହିବାରେ ଦ୍ୱିଧା ନାହିଁ ଯେ, ଏ ସବୁର ବେଶ୍ ପ୍ରଭାବ ମୋ ପରବର୍ତ୍ତୀ ଜୀବନରେ ପଡ଼ିଥିଲା। ପିଲାଦିନୁ ପ୍ରକୃତି ସହ ଥିଲା ମୋର ଅନ୍ତରଙ୍ଗତା। ପ୍ରାଥମିକ ପର୍ଯ୍ୟାୟରେ ସଂଘମିତ୍ରା ନିଜ ଗାଁ ସ୍କୁଲ ଜଗନ୍ନାଥ ବିଦ୍ୟାପୀଠରେ ଶିକ୍ଷା ଆରମ୍ଭ କରିଥିଲେ। ପଞ୍ଚମ, ଷଷ୍ଠ ଶ୍ରେଣୀରୁ ଲେଖାଲେଖି ଆରମ୍ଭ କରିଥିଲେ। ଛୋଟ ପିଲାଙ୍କ ଗପ, କବିତା ଓ ବଡ଼ ଲୋକଙ୍କ ଜୀବନୀ ସମ୍ବନ୍ଧରେ ପଢ଼ି ସେ କବିତା, ଗପ ଲେଖିଥିଲେ। ପ୍ରତିବର୍ଷ ସ୍କୁଲର ବାର୍ଷିକ ମୁଖପତ୍ରରେ ଲେଖା ପ୍ରକାଶ ପାଉଥିଲା ତାଙ୍କର। ନିଜ ସୃଷ୍ଟିକୁ ପ୍ରକାଶିତ ରୂପେ ଦେଖି ଅଧିକରୁ ଅଧିକ ଲେଖି ଚାଲିଲେ । ମାଟ୍ରିକ ପରେ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ପଢୁଥିବା ସମୟରେ ମାତ୍ର ୧୭ ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା ଜଗନ୍ନାଥ ମହାପାତ୍ରଙ୍କ ସହିତ। ସ୍ୱାମୀ ଥିଲେ ସରକାରୀ ଡାକ୍ତର। ଏକ ବହୁ କୁଟୁମ୍ବରେ ବୋହୂ ସାଜିଲେ ସଂଘମିତ୍ରା। ପିଲାଦିନୁ ପାଠପଢ଼ା ପ୍ରତି ଥିଲା ତାଙ୍କର ଗଭୀର ଆକର୍ଷଣ। ସମୟେ ସମୟେ ନୀରବରେ ବସି ବିଭିନ୍ନ କଥା ଚିନ୍ତା କରନ୍ତି। ଜୀବନରେ ଶିକ୍ଷାର ଭୂମିକା ଯେ ଗୁରୁତ୍ୱପୂର୍ଣ୍ଣ ତାହା ସେ ହୃଦୟଙ୍ଗମ କରିପାରିଥିଲେ। ପ୍ରକୃତ ଶିକ୍ଷା ହିଁ ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତି ବିକଶିତ କରିଥାଏ। ପଢ଼ିବାର ଅଦମ୍ୟ ତୃଷ୍ଣା ତାଙ୍କୁ ବାନ୍ଧି ରଖିପାରି ନ ଥିଲା ପାରିବାରିକ ଜଞ୍ଜାଳ ଭିତରେ। ସ୍ୱାମୀଙ୍କ ପ୍ରୋତ୍ସାହନରେ ଶିକ୍ଷା ଜାରି ରଖିଲେ। ବି.ଏ. ପଢ଼ିବା ସମୟରେ ଦୁଇଟି ପିଲା ଓ ଗୃହିଣୀ ଜୀବନର ସମସ୍ତ ଦାୟିତ୍ୱ ସତ୍ତ୍ୱେ ପ୍ରାଣନାଥ କଲେଜ ଟପ୍ପର ହୋଇଥିଲେ ଶ୍ରୀମତୀ ମିଶ୍ର । କଲେଜ ପଢ଼ା ସମୟରୁ ତାଙ୍କ ଲେଖା ପ୍ରଜାତନ୍ତ୍ର, ନବ ଜୀବନ, ଧରିତ୍ରୀ, ସମ୍ବାଦ ପରି ଅନେକ ପତ୍ରପତ୍ରିକାରେ ପ୍ରକାଶ ପାଇଥିଲା।










ସାହିତ୍ୟର ସମସ୍ତ ବିଭାଗରେ ସିଦ୍ଧହସ୍ତ ଲେଖିକା ତାଙ୍କର ପ୍ରଥମ ପ୍ରେମ କବିତା ଓ ନାଟକ ବୋଲି କୁହନ୍ତି। ଦୂରଦର୍ଶନର ବହୁ ଆଲୋଚନାରେ ଭାଗ ନେବା ସହିତ ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ରହିଥିବା ଡକ୍ଟର ମିଶ୍ରଙ୍କର ଲେଖନୀରୁ ଝରି ଆସିଛି ଅଦ୍ୟାବଧି ୪୦ରୁ ଊର୍ଦ୍ଧ୍ୱ ପୁସ୍ତକ। ନାଟକ ବିଶ୍ୱରୂପ, ନାୟିକା ନିଜ ଦର୍ପଣରେ, ଆଧୁନିକ ଓଡ଼ିଆ କବିତା ବୋଧ ଅବବୋଧ, ଆଧାରଶିଳା, ସଦିଚ୍ଛାର ସହସ୍ର ଧାରା, ଯକ୍ଷପ୍ରଶ୍ନ, ଇତିହାସର ହଜିଲାଖିଅ, ନାଟକ, ନାଟ୍ୟକାର, ନାଟକୀୟତା ଏପରି ଅନେକ ପୁସ୍ତକ ପାଇଁ ସେ ବୃହତ୍ତର ପାଠକ ମହଲରେ ପରିଚିତା। ଓଡ଼ିଶା ଲେଖିକା ସଂସଦ ଓ ରେଡ୍‌କ୍ରସର ଆଜୀବନ ସଭ୍ୟା, ତାଳ ପଦେଶ୍ୱରୀ ସାହିତ୍ୟ ଆସରର ଉପଦେଷ୍ଟା ପ୍ରଫେସର୍ ମିଶ୍ରଙ୍କୁ ତାଙ୍କ ସର୍ଜନା ସୃଷ୍ଟି ନିମନ୍ତେ ଅନେକ ଅନୁଷ୍ଠାନ ସମ୍ମାନିତ ଓ ପୁରସ୍କୃତ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜ ଲେଖିକା ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ, ସିନ୍ଧୁଜା ସମ୍ମାନ, ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ତରଫରୁ ବିଶିଷ୍ଟ ମହିଳା ନାରୀ ପ୍ରତିଭା ସମ୍ମାନ, ଗୋକର୍ଣ୍ଣିକା ପ୍ରବନ୍ଧ ଗୋଦାବରୀଶ ସମ୍ମାନ,ଝଙ୍କାର ନାଟକ ପୁରସ୍କାର,ଏପରି ସତୁରିରୁ ଊର୍ଦ୍ଧ୍ୱ ସଂଖ୍ୟକ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଲେଖିକା ଓଡ଼ିଆ ବୀଣା ଭଣ୍ଡାରକୁ ତାଙ୍କର ସାହିତ୍ୟ କୃତି ଓ ଅବଦାନ ପାଇଁ ଚିରସ୍ମରଣୀୟ ହୋଇ ରହିବେ।

**–ପ୍ରିୟମ୍ବଦା ରଥ**
*ଆର.କେ.ପୁରମ୍, ସେକ୍ଟର ୪–ନୂଆଦିଲ୍ଲୀ*
*ମୋ: +୯୧ ୧୧୩୫୭୦୫୮୫୬*



# ଜୀବନ ରଙ୍ଗ

**–ଡଃ ସ୍ମୃତି ପଟ୍ଟନାୟକ**

ଜୀବନ ସହ ଚିରକାଳ ସ୍ମୃତି ହୋଇ ରହିବାକୁ ଖୁସିର ମୁହୂର୍ତ୍ତମାନେ ରହିଯାଆନ୍ତି ଛବି ହୋଇ ନିଜ ଅଜାଣତରେ, ଘରଟିଏ ବି ତିଆରି କରି ଦିଅନ୍ତି ହୃଦୟର ଅଜଣା ଜାଗାରେ.....,

କୁନି ଝିଅଟିଏ ଇଲୁ, ପାଞ୍ଚ ବର୍ଷ ବୟସର। ସବୁବେଳେ ଥାଏ ଖୁସି ଖୁସିର ଭାବରେ। ଚୁଲବୁଲି ଝିଅଟିଏ, ଉଜ୍ଜ୍ୱଳ ଆଭାରେ ସଦା ଝଲମଲ୍ ହେଉଥିଲା, ଖୁବ୍ ଆକର୍ଷଣୀୟ ଚେହେରା। ଯିଏ ତାକୁ ଥରେ ଦେଖିଛି ତା' ମନ ଭିତରେ ନିଶ୍ଚୟ ସେ ଛବିଟିଏ ହୋଇ ରହିଯାଇଛି। ମେଞ୍ଚା ମେଞ୍ଚା କଇଁ ଫୁଲିଆ ହସ ଓଠ ଫାଙ୍କରୁ ଝରି ପଡୁଥାଏ ସଦା ଡେଇଁ ବୁଲି ଖେଳୁଥାଏ ସାରା କଲୋନୀରେ । ସମସ୍ତଙ୍କର ଗେହ୍ଲି ଝିଅ। ଅପୂର୍ବ ସମ୍ମୋହନର କଳାରେ ଭରପୂର ଥିଲା ତା' ଚତୁଃପାର୍ଶ୍ୱର ଦୁନିଆ ।

ହଠାତ୍ ଦିନେ ସେ ନୀରବି ଗଲା ସମସ୍ତଙ୍କ ଜାଣତରେ । କାହାରି ମୁହଁରେ ଭାଷା ନ ଥିଲା, ସମସ୍ତେ ମୂକ ପାଲଟି ଯାଇଥିଲେ। କ'ଣ ହଠାତ୍ ଏମିତି ଘଟିଗଲା, ଇଲୁ କିଛି ବୁଝି ପାରୁ ନ ଥିଲା, ତା'ର ମାଆ, ବାପା କୁଆଡେ ଗଲେ ? କାଇଁ ଆସୁ ନାହାନ୍ତି, ତାକୁ ଗେହ୍ଲା କରୁନାହାନ୍ତି ? ଜଣେ ଅଙ୍କଲ୍ କହିଦେଲେ ସେମାନେ ଦୁହେଁ ଆକାଶର ତାରା ହୋଇଗଲେ। ସେ ଯାଗାରୁ ଆଉ କେହି ଫେରନ୍ତି ନାହିଁ। ତା' ପରଠାରୁ ଇଲୁ ବେଶି ସମୟ ଚାହିଁ ରହୁଥିଲା ଖାଲି ଆକାଶ ଆଡେ। ଲୁହ ସବୁ ବୋହି ଆସୁଥିଲା ଦୁଇ ଗଣ୍ଡଦେଶ ଦେଇ, ମାଟି ଭିଜୁଥିଲା ତା'ର ଲୁହରେ। ବିବାକ୍ ସମୟ, କିଛି କରିବାର ନାହିଁ କାହାର !!!

କରୋନା ଭୁତାଣୁ ତା'ର ସବୁ ଖୁସି ସାରି ଦେଇଥିଲା, ତା'ର ବାପା ଓ ମାଆ ଆଗ ପଛ ହୋଇ ଚାଲିଯାଇଥିଲେ କରୋନାର ଦ୍ୱିତୀୟ ଲହରରେ । ଇଲୁର ଦୁନିଆ ବଦଳି ଯାଇଥିଲା ଅତି ଆକସ୍ମିକ ଭାବେ । ଯେଉଁଠି ବସୁଥିଲା ସେଠି ସେମିତି ବସି ରହୁଥିଲା, ଦିନ ରାତି କିଛି ଫରକ୍ ପଡୁ ନ ଥିଲା ତା' ପାଇଁ । ତା' ପାଖରେ ଥିବା ଲୋକମାନେ ବୋଧେ ଅଧିକ ଅବସାଦରେ ଥିଲେ ତେଣୁ ବଦଳେଇ ପାରୁନଥିଲେ ଇଲୁର ମନକୁ । ସେଦିନ ଥିଲା ହୋଲି। ଏମିତି ଏକ ଘନ ଅନ୍ଧକାର ଓ ନୀରବତାର ସମୟରେ ଚମକଟିଏ ସୃଷ୍ଟି ହୋଇଥିଲା । ଭଲପାଇବାର ମୋହ, ଫୁଲ ବଗିଚା, ପ୍ରଜାପତିର ଉଡାଣ, ପକ୍ଷୀ ମାନଙ୍କର ଭିଡ, କୋଳାହଳ, ପୁଣି ଥରେ ଶ୍ୟାମଳ ସବୁଜିମା, ନୂଆ ସକାଳର ସୁନେଲି ସୂର୍ଯ୍ୟ କିରଣ ଫେରାଇ ଦେଇଥିଲା ଖୁସିର ଇନ୍ଦ୍ରଧନୁ। ହୋଲିର ସକାଳ ଆସିଥିଲା କଅଁଳ ଖରା ନେଇ। ମନ ଭିତରେ ଚମକ, ରଙ୍ଗୀନ ମାହୋଲରେ, କଲୋନୀର କୁନି କୁନି ପିଲାମାନେ ଖେଳୁଥିଲେ ହୋଲି, ଭିନ୍ନ ଭିନ୍ନ ଅବିର ରଙ୍ଗରେ । ସେମାନେ ଇଲୁର ହାତ ଧରି ଟାଣି ନେଇଥିଲେ। ପିଲାଙ୍କ ଭିତରେ ଈଶ୍ୱର ଖେଳନ୍ତି। ଇଲୁ ଆଖିରେ ଆଖିଏ ରଙ୍ଗ । ସେ ରଙ୍ଗରେ ଚମକୁ ଥିଲା । ଖିଲଖିଲ୍ ହୋଇ ହସୁଥିଲା, କଲୋନୀରେ ସମସ୍ତେ ଇଲୁର ହସରେ, ଖୁସିରେ ବିହ୍ୱଳ ହୋଇ ପଡୁଥିଲେ। ତା' କୁନି ହାତରେ ସମସ୍ତଙ୍କ ମୁହଁରେ ରଙ୍ଗ ବୋଳି ଚାଲିଥିଲା ଇଲୁ। ପାଖ ବଗିଚାରେ ଜାତିଜାତିକା ଫୁଲମାନଙ୍କର ସମାହାର, ପବନରେ ଦୋଳି ଖେଳୁଥିଲେ ସେମାନେ। ହୋଲି ରଙ୍ଗର ସଂକ୍ରମଣ ବ୍ୟାପିଯାଇଥିଲା କଲୋନୀ ସାରା, ଅବିରର ରଙ୍ଗ ଆକାଶର ନିଳିମାକୁ ଛୁଇଁ ଛୁଇଁ ଯାଉଥିଲା। ଇଲୁ ରଙ୍ଗ ଭର୍ତ୍ତି ଆକାଶରେ ଦେଖି ପାରୁଥିଲା ତାର ବାପା ଓ ମାଆଙ୍କର ପ୍ରତିଛବିକୁ । ସେମାନେ ମଧ୍ୟ ହସୁଛନ୍ତି ଖୁବ୍ ମନଲୋଭା ହସ। ଇଲୁର ଆଖି ଦୁଇଟି ବୁଜି ହୋଇ ଆସୁଥିଲା। ଆଃ, କି ଉନ୍ମାଦନା ଇଲୁ ପାଖରେ! ଜୀବନ୍ତ ହୋଇଉଠୁଥିଲା ତା'ର କୋମଳ ପ୍ରାଣ ।

ପୁନଃ ସ୍ୱପ୍ନ ସଞ୍ଚରି ଆସୁଥିଲା ତା' କୁନି ମନ ଭିତରେ । ଜୀବନ ରଙ୍ଗ ପ୍ରସରି ଯାଉଥିଲା ଦୂର ଦିଗବଳୟ ପର୍ଯ୍ୟନ୍ତ ।

*–ୟୁ ଏନ୍ କଲେଜ୍, ଅଡଶପୁର, କଟକ*
*ମୋ : ୮୧୪୪୦୨୯୦୪୨*



# ଦେବୀ ଓ ନାରୀ

**–ଡଃ କନକ ମଞ୍ଜରୀ ପଟ୍ଟନାୟକ**

ସେମାନେ କୁହନ୍ତି ନାରୀ
ଦେବୀ ପରି ।
କେଉଁ ଦେବୀ ଉଜେଇଁ ଦେଇଛି
ତମାମ୍ ଜୀବନ, ପକ୍ଷାଘାତ ପତି ପାଇଁ
ଦାରିଦ୍ର୍ୟର କଷଟିରେ
ଦିନ ଦିନ ନିକଷିତ
କେଉଁ ନାରୀର ତାରୁଣ୍ୟ
ଝରି ଝରି ଯାଇଛି
ଝରାଫୁଲ ପରି ।

କେଉଁ ଦେବୀ ଅନ୍ତଫାଡ଼ି
ଜନ୍ମ ଦେଇଛି
ସନ୍ତାନ ପରେ ସନ୍ତାନ
ବିକଳାଙ୍ଗ ସନ୍ତାନକୁ
ଲାଳନପାଳନ କରି
କେଉଁ ଦେବୀ ସବୁ ସମୟ
ସମର୍ପି ଦେଇଛି ସେବାରେ ତା'ର ?
ଦେବୀ କ'ଣ କେବେ
ଅଚାନକ ନିଃସ୍ୱ ହୋଇଯାଇଛି
ନାରୀ ପରି,
ଦେବୀ କ'ଣ କେବେ ସାରାରାତି
କାନ୍ଦୁଥାଏ ଗୁମୁରି ଗୁମୁରି ?
ନାରୀ କାହିଁ ଦେବୀ ହେବ ?
ତା' ପାଇଁ ନ ଥାଉ ସିଂହାସନ
ଆୟ ଅଳଂକାର, ପାଟବସ୍ତ୍ର
ବ୍ୟାଘ୍ର, ସିଂହର ବାହାନ
ନାରୀ ନାରୀ ହୋଇ ରହୁ।

*–କେଦାର ଗୌରୀ କମ୍ପ୍ଲେକ୍ସ,*
*କେଦାରଗୌରୀ ବିହାର, ଭୁବନେଶ୍ୱର*
ମୋ: ୯୪୩୮୬୦୫୧୫୪

# ରଙ୍ଗ ଖେଳ

**–ମାନିନୀ ମିଶ୍ର**

ଢୋଲ ମାନ୍ଦଳ
ତାସା ନିସାନ ତାଳେ ତାଳେ
ଫଗୁଣ ଗାଉଛି ଗୀତ 'ରସରକେଲିବୋ'
ସୁରସୁରିଆ ନଈକୁଳିଆର
ଧୂଳି ଭର୍ତ୍ତି ପବନ ପିଟି ହେଉଛି ଦେହରେ
ଫଗୁଣ ଦୁଇକେ ଦୁଇ
ପଣିକିଆ ଘୋଷୁଛି ନାରଙ୍ଗୀ ମେଘରେ
ଫଗୁଣ ଲଙ୍ଗ ଜମ୍ପ କରୁ କରୁ
ଛଟଲେଇ ହେଇ ଯାଇଛି
ମଲା କଦମ୍ବ ଗଛର ଡାଳରେ
ଫଗୁଣର ହଳଦି ମୁହଁରେ
ଫଳିଛି ପୁଞ୍ଜା ପୁଞ୍ଜା ପାଚିଲା ବ୍ରଣ
ଟ୍ରାଫିକ୍ ଜାମରେ ଫସିଛି ଅଲପେଇସା ସପନ
ପ୍ରେତାତ୍ମା ପରି ଦୋହଲୁଛି ଫୁଙ୍ଗୁଳା ଚାଳଘର
ଫଗୁଣରେ ଛଇ କଲାଣି ଡିମିରୀ ଫୁଲ
ଫଗୁଣରେ ଶୁଖି ବସିଲାଣି କୋଇଲି
ଗଲାକାଲି ରାତି ଯାଚିଥିବା ସଜ କଲିଜା
ରାଜଧାନୀର ବୁଲା ବେପାରୀର
ହକି ଫିବର ଜମୁ ଜମୁ
ହାଇ ଇନଫ୍ଲାସନ, ଇ.ଏମ.ଆଇରେ ହଜେଇ ଯୌବନ,
ଧାଉଁଚି ପ୍ରେମ
ଟ୍ୟାକ୍ସ ପାଇଁ ଅଢେଇ ମାସର ଦରମା କୁର୍ବାନ କରୁଛି
ମୁଁ ପୋଡାମୁହାଁ ମିଡିଲ କ୍ଲାସ
ମହଲଣ ପଡା ହନୁମାନ ଲାଞ୍ଜ ଧରି
ମୋ ଫଗୁଣ ଏଠୁ ଫେରାର୍ ।

*–ରୟାଲ ଲାଗୁନ*
*ରଘୁନାଥପୁର, ଭୁବନେଶ୍ୱର*
*ମୋ:୮୨୪୯୩୪୨୩୪୬*





ପ୍ରିୟଙ୍କା

# ବଲିଉଡ୍ ହିଁ ବେଷ୍ଟ

ପ୍ରିୟଙ୍କା ଚୋପ୍ରାଙ୍କ ମନ ପୁଣି ଥରେ ବୋଧହୁଏ ବଲିଉଡ୍ ଆଡକୁ ଢ଼଼ଳିଲାଣି। ଗତ କିଛି ବର୍ଷ ହେଲା ସେ ହିନ୍ଦୀ ସିନେମାଠାରୁ ଦୂରେଇ ରହିବା ସହ ହଲିଉଡ୍‌ରେ ବ୍ୟସ୍ତ ଥିଲେ। ହେଲେ ଏବେ ପୁଣି ଥରେ ନିୟମିତ ଭାବରେ ହିନ୍ଦୀ ଫିଲ୍ମରେ ଆକ୍ଟିଂ କରିବାକୁ ମନ ବଳାଇଲେଣି। ଦେଖୁନାହାନ୍ତି, କେଉଁଠି ତାଙ୍କୁ ଅଭିନୟ କରିବାକୁ ବେଶି କମ୍ଫର୍ଟ ଲାଗେ ବୋଲି ପଚାରିଲେ ସେ କେମିତି କହୁଛନ୍ତି 'ବଲିଉଡ୍ ହିଁ ବେଷ୍ଟ'। ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। ଏ ନେଇ ପ୍ରିୟଙ୍କା କହନ୍ତି, 'ଏବେ ମଧ୍ୟ ସବୁ କିଛି ଶେଷ ହୋଇନାହିଁ। ଯଦି ମୋତେ ରେଗୁଲାର ଅଫର ମିଳେ ତେବେ ମୁଁ ପୁଣି ଥରେ ବଲିଉଡ୍‌ରେ ନିଜକୁ ବ୍ୟସ୍ତ ରଖିବି। ଏବେ ହଲିଉଡ୍‌ରେ ଅଭିନୟ କରୁଛି ବୋଲି ତାହାର ଅର୍ଥ ନୁହେଁ ଯେ, ମୁଁ ବଲିଉଡକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଛି। ଏବେ ତ ଫରହାନ୍ ଅଖତରଙ୍କ 'ଜି ଲେ ଜରା'ରେ ଆକ୍ଟିଂ କରୁଛି। ଇତିମଧ୍ୟରେ ମୋତେ କେତୋଟି ଅଫର ମିଳିଛି, ଯାହାକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ଯାହା ନିଷ୍ପତ୍ତି ନେବି।' 'ଜି ଲେ ଜରା'ରେ ପ୍ରିୟଙ୍କାଙ୍କ ବ୍ୟତୀତ ରାହୁଲ ବୋଷ, ଇଷାନ ଖଟ୍ଟର, ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫ ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ମାସରେ ରିଲିଜ ହେବାର ଯୋଜନା ରହିଛି।

# ସମୟାନୁବର୍ତ୍ତୀ ବରୁଣ

ବଲିଉଡ୍‌ର ୟଙ୍ଗ ସେନ୍‌ସେସନ୍ ହେଉଛନ୍ତି ବରୁଣ ଧାୱନ। ନିଜ କ୍ୟାରିୟର ପ୍ରତି ସେ ଯେତିକି ସଚେତନ, ନିଜ ବ୍ୟକ୍ତିଗତ ଜୀବନରେ ମଧ୍ୟ କେତୋଟି ବିଷୟକୁ ସେ ସବୁବେଳେ ଗୁରୁତ୍ୱ ଦେଇଥାଆନ୍ତି। ଏ ନେଇ ସେ କହନ୍ତି, 'ଜୀବନରେ ସବୁଠାରୁ ବଡ କଥା ହେଲା ସମୟାନୁବର୍ତ୍ତିତା। ଶୁଟିଂ ସେଟ୍‌ରେ ପହଞ୍ଚିବାରେ ମୁଁ ଆଦୌ ବିଳମ୍ବ କରେ ନାହିଁ। ତା'ସହ ଶଟ୍ ଦେବାବେଳେ ଅଯଥାରେ ସମୟ ଅପଚୟ କରି ନ ଥାଏ। ପିଲାଟି ଦିନରୁ ମୋର ପୂଜାର୍ଚ୍ଚନା କରିବା ଅଭ୍ୟାସ ରହିଛି। ଏବେ ମଧ୍ୟ ମୋର କୌଣସି ସିନେମାର ଶୁଟିଂ ଆରମ୍ଭ ହେଲେ ମୁଁ ପ୍ରଥମେ ମନ୍ଦିର ଯାଇ ପୂଜା କରିଥାଏ। କେବଳ ସେତିକି ନୁହେଁ, ପ୍ରିମିୟର ଦିନ ମଧ୍ୟ ମନ୍ଦିର ଯାଏ। ଶୁଟିଂ ପୂର୍ବରୁ ମେକ୍‌ଅପ୍ ନେବା ସମୟରେ ମୋର ଟିକେ ଲେଟ୍ ହୁଏ। କାରଣ ମୁଁ ଚାହେଁନା ଯେ, ମୋର ମେକ୍‌ଅପ୍‌ରେ କୌଣସି ତ୍ରୁଟି ରହିଯାଉ।' ବର୍ତ୍ତମାନ ବରୁଣ ଅଭିନୀତ 'ବୱାଲ୍' ରିଲିଜ ଅପେକ୍ଷାରେ ରହିଛି। ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୭ରେ ମୁକ୍ତିଲାଭ କରିବ। ଏଥିରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଜାହ୍ନବୀ କପୁର। ତେବେ ଏହି ଫିଲ୍ମରେ ବରୁଣ-ଜାହ୍ନବୀଙ୍କ ଯୋଡି କି କମାଲ୍ କରୁଛି ତାହା ଦେଖିବାକୁ ବାକି ରହିଲା।



ବରୁଣ



ଅନନ୍ୟା

# ଗ୍ରୀନ୍ ଗ୍ରୀନ୍ ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ବଲିଉଡ୍‌କୁ ଆସିବା ପରେ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ଆଶାନୁରୂପ ସଫଳତା ମିଳି ନାହିଁ। ତେଣୁ ସେ ଚେଷ୍ଟା ଜାରି ରଖିଛନ୍ତି ନିଜକୁ ବଲିଉଡ୍‌ରେ ଆଗଧାଡିର ନାୟିକାଭାବେ ଗଢି ତୋଳିବା ପାଇଁ। ତା'ସହ ଏବେ ସେ ନିଜକୁ ଆଉ ଏକ କାମରେ ବି ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି? ଗାର୍ଡେନିଂ। ନିଜ ଘର ଚାରିପଟରେ ସେ ସବୁଜ ପରିବେଶ ସୃଷ୍ଟି କରିଛନ୍ତି, ଯେଉଁଥିପାଇଁ ତାଙ୍କ ସାଙ୍ଗମାନେ ତାଙ୍କୁ 'ଗ୍ରୀନ୍ ଗ୍ରୀନ୍ ଅନନ୍ୟା' ବୋଲି ସମ୍ବୋଧନ କରୁଛନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠ ପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ବି ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଉଠାଇଥିବା ଫଟୋଗୁଡିକ ସୋସିଆଲ ମିଡିଆରେ ପୋଷ୍ଟ ମଧ୍ୟ କରୁଛନ୍ତି। ତେବେ ସେ ଅଭିନୟ କରିଥିବା 'ଡ୍ରିମ୍ ଗର୍ଲ-୨' ଚଳିତ ବର୍ଷ ଜୁଲାଇ ୭ରେ ରିଲିଜ ହେବ। ଏଥିରେ ତାଙ୍କର ନାୟକ ସାଜିଛନ୍ତି ଆୟୁଷ୍ମାନ ଖୁରାନା। ଏବେ ଅନନ୍ୟାଙ୍କ ହାତରେ ୨-୩ଟି ଅଫର ରହିଛି। ସେଗୁଡିକୁ ଭଲ ଭାବରେ ତର୍ଜମା କରିବା ପରେ ଯାଇ ନିଷ୍ପତ୍ତି ନେବେ ବୋଲି କହନ୍ତି ଏହି ଅଭିନେତ୍ରୀ।



ସମ୍ପିତ-ଶୀତଲ

# ପ୍ରେମ-ବନ୍ଧୁତା-ପ୍ରତିଶୋଧ

ଦୁଇ ବନ୍ଧୁଙ୍କ ଭିତରେ ଥାଏ ନିବିଡ ବନ୍ଧୁତା। ଏକାଠି ବିଜନେସ୍‌କୁ ଆଗେଇ ନିଅନ୍ତି। ଜଣେ ହେଲେ କୋଟିପତି ବ୍ୟବସାୟୀ ସତ୍ୟଜିତ ପଟ୍ଟନାୟକ ଏବଂ ଅନ୍ୟ ଜଣେ ହେଉଛନ୍ତି ଜମିଦାର ଭବାନୀ ଶଙ୍କର ରାୟ ଚୌଧୁରୀ। ସେପଟେ ସତ୍ୟଜିତଙ୍କ ଏକମାତ୍ର ଝିଅ ନେହାର ଭବାନୀଙ୍କ ପୁତୁରା ଅମିତ ମଧ୍ୟରେ ଆରମ୍ଭ ହୁଏ ପ୍ରେମ। କିନ୍ତୁ ଏକ ନାଟକୀୟ ଘଟଣାକ୍ରମରେ ନେହା ଜଙ୍ଗଲରେ ହଜିଯାଏ। ଆଉ ତା'ପରେ ଏହି ଲଭ୍ ଷ୍ଟୋରିରେ ଆସେ ଟ୍ୱିଷ୍ଟ। ଏକ ଅତୃପ୍ତ ଆତ୍ମା ସଂସ୍ପର୍ଶରେ ଆସେ ନେହା। ହଁ, ଏଭଳି ଏକ ରୋଚକ ପ୍ରେମ-ବନ୍ଧୁତା-ପ୍ରତିଶୋଧର କାହାଣୀକୁ ନେଇ ନିର୍ମିତ ସିନେମାଟି ହେଲା 'ଜହ୍ନ ରାତିର ସାଥୀ'। ଅଜୟ କୁମାର ରାଉତଙ୍କ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜିତେନ୍ଦ୍ର ଜେନା। ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସିଦ୍ଧାନ୍ତ ମହାପାତ୍ର, ସମ୍ପିତ ଆଚାର୍ଯ୍ୟ, ସମରେଶ ରାଉତରାୟ, ଶୀତଲ ପାତ୍ର, ପୁନମ ମିଶ୍ର, ପ୍ରଜ୍ଞା ଖଟୁଆ, ପୃଥ୍ୱୀରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର। ଚିତ୍ରଟିର ସେନ୍‌ସର୍ କାମ ଶେଷ ହୋଇଛି ଏବଂ ଏହା ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।



ଶ୍ରୁତି ହାସନ୍

# ଭିନ୍ନ ଥିଲା ସ୍ୱପ୍ନ

ବେଳେବେଳେ ମଣିଷ ଭାବିଥାଏ ଗୋଟେ, ହେଲେ ହୁଏ ଆଉ କିଛି। ସମୟର ଗତିପଥ ଏମିତି ମୋଡ ନିଏ ଯେ, ସ୍ୱପ୍ନ ସବୁ ବଦଳିଯାଏ। ଠିକ୍ ଯେମିତି ପାଠ ପଢ଼ିବା ସମୟରେ ସେ ଆଶା ରଖିଥିଲେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ। କିନ୍ତୁ ପଢ଼ା ଶେଷ ହେବା ପରେ ସେ ମଡେଲିଂ ଜଗତରେ ପାଦ ଦେଇଥିଲେ। ଆଉ ତା'ପରେ ସ୍ୱପ୍ନ ଦେଖିଲେ ଅଭିନୟ କରିବେ। ବାସ୍, ଆକ୍ଟିଂ ମାୟାରେ ପଡିଯିବା ପରେ ସେ ପୂର୍ବ ସ୍ୱପ୍ନ ଭୁଲିଗଲେ। ସେହି ଅଭିନେତ୍ରୀ ଜଣକ କିଏ ଜାଣନ୍ତି ? ଦକ୍ଷିଣ ଭାରତୀୟ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ନାୟିକା ନୟନତାରା। ଏ ନେଇ ସେ କହନ୍ତି, 'ପାଠ ପଢ଼ିବା ସମୟରେ ମୋର ଆଶା ଥିଲା ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ। ହେଲେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି ପରେ ସବୁ କିଛି ଓଲଟ ପାଲଟ ହୋଇଗଲା। ମଡେଲିଂ କରିବା ସମୟରେ ପ୍ରଯୋଜକ ସତ୍ୟନ୍ ଅନ୍ତିକଡ ମୋତେ ତାଙ୍କ ଫିଲ୍ମ 'ମନାସିନଆକ୍କାରେ'ରେ ଅଭିନୟ କରିବାକୁ ଅଫର ଦେଇଥିଲେ। ଆଉ ତାହାକୁ ମୁଁ ମନା କରିପାରି ନ ଥିଲି।' ଏବେ ଗୋଟିଏ ସିନେମାରେ ଅଭିନୟ ପାଇଁ ନୟନତାରା ପାଖାପାଖି ୧୫ କୋଟି ଡିମାଣ୍ଡ କରିଥାଆନ୍ତି। ଶୁଣିବାକୁ ମିଳୁଛି ଯେ, ଏକ ବିଗ୍ ବଜେଟ୍ ତାମିଲ ଫିଲ୍ମ ପାଇଁ ତାଙ୍କୁ ୩୫ କୋଟିର ଅଫର୍ ଦିଆଯାଇଛି।



ନୟନତାରା

# ଏଥର ଲେଖାଲେଖି

ଶ୍ରୁତି ହାସନ ଏଣିକି ଗୋଟିଏ କାମରେ ମନୋନିବେଶ କରିବାକୁ ସ୍ଥିର କରିଛନ୍ତି। ତାହା ହେଲା ଲେଖାଲେଖି। ନିଜ ରିଲ୍ ଏବଂ ରିୟଲ ଲାଇଫର ସ୍ମରଣୀୟ ଘଟଣାବଳୀଗୁଡିକୁ ସେ ଡାଏରୀରେ ଲେଖିବାକୁ ମନସ୍ଥ କରିଛନ୍ତି। ଏ ନେଇ ଶ୍ରୁତି କହନ୍ତି, 'ନିକଟରେ ମୁଁ ମୋର ଜଣେ ଅନ୍ତରଙ୍ଗ ସାଙ୍ଗ ସହ କଥା ହେଉଥିଲି। ତା' ଜୀବନର ସ୍ମରଣୀୟ ଘଟଣାରୁ କିଛି ସେ ମୋ' ସହ ସେୟାର କଲା। ସେଗୁଡିକୁ ଶୁଣିବା ପରେ ମୁଁ ଭାବିଲି ମୋ ଜୀବନରେ ତ ଏମିତି ଅନେକ ଘଟଣା ରହିଛି, ଯାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ତେଣୁ ଚିନ୍ତା କରୁଛି ଏସବୁ ବିଷୟଗୁଡିକୁ ଖୁବ୍ ଶୀଘ୍ର ଡାଏରୀରେ ଲିପିବଦ୍ଧ କରିବି। ଏଥିଲାଗି ବ୍ୟସ୍ତତା ଭିତରେ ମୋତେ ସମୟ ବାହାର କରିବାକୁ ପଡିବ।' କେବଳ ଅଭିନୟ ନୁହେଁ, ସଙ୍ଗୀତରେ ବି ରୁଚି ରଖନ୍ତି ଶ୍ରୁତି। ସଙ୍ଗୀତ ଶିକ୍ଷା ପାଇଁ ସେ କାଲିଫର୍ନିଆ ଯାଇଥିଲେ। ଆଉ ଏକ କଥା ସେ ଯେହେତୁ କମଲ ହାସନଙ୍କ ପରି ଜଣେ ବିଶିଷ୍ଟ ଅଭିନେତାଙ୍କ କନ୍ୟା ଥିଲେ, ତେଣୁ ସ୍କୁଲରେ ପଢ଼ିବା ସମୟରେ ସେ ସାଙ୍ଗମାନଙ୍କୁ ନିଜ ପରିବାରର ପରିଚୟ ଦେଇ ନ ଥିଲେ। ଏପରିକି ନିଜ ନାମ ପରିବର୍ତ୍ତନ କରି ପୂଜା ରାମଚନ୍ଦ୍ରନ ରଖିଥିଲେ।

ପ୍ରଥମ ରୋଜଗାର



# ପ୍ରଥମ ଚେକ୍ ବାପାଙ୍କୁ ଦେଇଥିଲି

ରେଡ଼ିଓ ଉପସ୍ଥାପିକା **ଜୟଶ୍ରୀ ମୁଦ୍ରା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ହାଇସ୍କୁଲ୍‌ରେ** ପଢ଼ିଲାବେଳୁ ଟିଭି ଓ ରେଡ଼ିଓରେ ସମ୍ବାଦ ପଢ଼ିବାକୁ ନେଇ ମନରେ ଖୁବ୍ ଆଗ୍ରହ ବଢ଼ିଥିଲା। କାରଣ ମୋ ବାବା ନୀଳମଣି ମୁଦ୍ରା ରେଡ଼ିଓ ଶୁଣିବାକୁ ଖୁବ୍ ଭଲ ପାଉଥିଲେ। ଭାବିଲି ମୁଁ ଯଦି ରେଡ଼ିଓରେ କହିବି ତା'ହେଲେ ବାବା ବହୁତ ଖୁସି ହେବେ। ସେଥିପାଇଁ ପାଠପଢ଼ା ସହିତ ବାବାଙ୍କ ପାଖରେ ପ୍ରତିଦିନ କିଛି କିଛି ସମୟ ରେଡ଼ିଓ, ଦୂରଦର୍ଶନରେ ଯେମିତି ସମ୍ବାଦ ପଢ଼ାଯାଏ, ସେମିତି ପେପର୍ ପଢ଼ିକି ଶୁଣାଉଥିଲି। ଏହା ଭିତରେ ମୋର ଗ୍ରାଜୁଏଶନ ସରିଗଲା। ମିଡିଆ ଲାଇନ୍‌ରେ ଆଗ୍ରହ ଥିବା ଦେଖି ବାବା ସେହି କ୍ଷେତ୍ରରେ କ୍ୟାରିୟର କରିବାକୁ ସମର୍ଥନ ଦେବାରୁ କ୍ରମେ ଟିଭିରେ କାମକରି ଦର୍ଶକଙ୍କ ସହିତ ଯୋଡ଼ିହୋଇଗଲି। ସେହିପରି ରେଡ଼ିଓରେ ବି କାମକରି ଶ୍ରୋତାଙ୍କ ସାଥୀ ବନିଗଲି। ୨୦୦୪ରେ ପୁରୀ ଅଲ୍ ଇଣ୍ଡିଆ ରେଡିଓରେ କାମ କରିବାର ସୁଯୋଗ ପାଇଲି। ଆଉ ପ୍ରଥମକରି ରେଡ଼ିଓ ଷ୍ଟେଶନରୁ ୩୫୦ ଟଙ୍କା ଦରମା ମିଳିଥିଲା; ଯାହାକି ମୋତେ ଖୁବ୍ ଆନନ୍ଦ ଦେଇଥିଲା। ପ୍ରଥମ ଦରମାର ଚେକ୍‌ଟିକୁ ଆଣି ବାବାଙ୍କ ହାତରେ ଦେବାରୁ ସେ ଖୁବ୍ ଖୁସିହେଲେ ଆଉ କହିଲେ, ୫୦୦ ଟଙ୍କା ନେ, ମୁଁ ପରେ ଏଇ ଚେକ୍ ଭଙ୍ଗେଇ ଆଣିଲେ ତୋ ଟଙ୍କା ତୋତେ ଦେଇଦେବି। କିନ୍ତୁ ମୁଁ ଜିଦି କରିବାରୁ ବାବା ବାଧହୋଇ ମୋତେ ବ୍ୟାଙ୍କ ନେଇ ଚେକ୍ ଭଙ୍ଗାଇ ଟଙ୍କା ଉଠାଇଲେ। ମୁଁ ମୋ ପାରିଶ୍ରମିକକୁ ଯେତେବେଳେ ହାତ ପାପୁଲିରେ ଧରିଲି ସେତେବେଳର ଆନନ୍ଦ କହିଲେ ନ ସରେ। ତା'ପରେ ବାବାଙ୍କ ସହ ଶ୍ରୀମନ୍ଦିର ଗଲି ମହାପ୍ରଭୁଙ୍କୁ ଦର୍ଶନ କରିବାକୁ। ଯେତେବେଳେ ବାବା ଦୀପବାଲାକୁ ଟଙ୍କା ଦେଲେ ମୁଁ ମନାକଲି। ମୋ ରୋଜଗାର ପଇସାରେ ମୁଁ ଦୀପ ଦେବି କହି ଅଡ଼ିବସି ଦୀପବାଲାକୁ ଦଶ ଟଙ୍କା ଦେଲି। ସେମିତି ତୁଳସୀ ମାଳ କିଣିଲାବେଳେ ବି ବାବାଙ୍କୁ ମନାକଲି ଆଉ କହିଲି, ଆଜି ସବୁ ମୋ ଟଙ୍କାରେ କିଣାହେବ। ବାବା ମୋ କଥା ଶୁଣି ହସିଲେ। ଶେଷରେ ପ୍ରଭୁଙ୍କୁ ଦର୍ଶନ କରି ଘରକୁ ଫେରିଲା ବେଳକୁ ହୁଣ୍ଡିରେ ଶହେଟଙ୍କିଆ ନୋଟ୍‌ଟିଏ ପକେଇବା ସହିତ ମୁକ୍ତିମଣ୍ଡପରେ ଯଥାଶକ୍ତି ଦେଇ ଖୁସିରେ ମୁଣ୍ଡିଆ ମାରି ଆସିଥିଲି। ଫେରିବା ବାଟରେ ସାହି ଠାକୁରାଣୀଙ୍କ ପାଖରେ ଦୀପଟିଏ ବସେଇ ଫୁଲ ଆଉ ଫଳ କିଣି ମା'ଙ୍କ ପାଖେ ଭୋଗ କରିଥିଲି। ଘର ଦିଅଁଙ୍କ ପାଇଁ ମଧ୍ୟ ଭୋଗ କିଣିଥିଲି। ତଥାପି ଆଉ ୧୭୦ ଟଙ୍କା ବଳିଥାଏ। ସେଇ ଟଙ୍କାରୁ ବାବାଙ୍କ ପାଇଁ ୧୫୦ ଟଙ୍କାର ଗୋଟେ ହ୍ୟାଣ୍ଡବ୍ୟାଗ୍, ୧୦ ଟଙ୍କା ଦେଇ ବୋଉ ପାଇଁ ପାଣିବୁଡ଼ି ମୁଠାଏ ଓ ବଳକା ୧୦ ଟଙ୍କାରେ ୫୦ ପଇସିଆ କମଳା ମିଠେଇ ଆଣି ଘରର ସମସ୍ତଙ୍କୁ ବାଣ୍ଟିଥିଲି। ହ୍ୟାଣ୍ଡବ୍ୟାଗ୍ ପାଇ ବାବା ସେଦିନ ଖୁସିରେ ମୋତେ ଗୋଟିଏ ରେଡ଼ିଓ ଉପହାର ଦେଇଥିଲେ; ଯାହା ମୋ ପାଇଁ ଅମୂଲ ମୂଲ। ଆଜି ବାବା ମୋ ପାଖରେ ନାହାନ୍ତି ସତ କିନ୍ତୁ ସେ ଦେଇଥିବା ରେଡ଼ିଓ ଏବଂ ମୁଁ ଦେଇଥିବା ହାଣ୍ଡବ୍ୟାଗ୍‌କୁ ଦେଖିଦେଲେ ବାବା ମୋ ନିକଟରେ ଥିଲାଭଳି ଅନୁଭବ ହୁଏ।

ସାଥୀ

# ଅଳପ ରାଗକୁ ଟିକିଏ ହସ, ସହଜେ ଫିଟେନା ପ୍ରେମର ଫାଶ



**ପ୍ରଶ୍ନ**– ଗତ କିଛି ଦିନ ହେବ ମୋର ଜଣେ ସୁନ୍ଦରୀ ସହ ଭେଟ ହେଉଛି। ସେ କେତେବେଳେ ମୋତେ ଦେଖି ହସି ଦେଉଛି ତ କେତେବେଳେ ଟିକେ ରାଗି ଯାଉଛି। ସେ ମୋତେ ଭଲ ପାଉଛି ବୋଲି ଜାଣିବି କେମିତି ?

*–ତନ୍ମୟ ରାଉତ, ଢେଙ୍କାନାଳ*

**ଉତ୍ତର:** 'ଅଳପ ରାଗକୁ ଟିକିଏ ହସ, ସହଜେ ଫିଟେନା ପ୍ରେମର ଫାଶ'। କଥାରେ ପରା ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ସେହି ସୁନ୍ଦରୀ ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଛି, ବାସ୍ ତାକୁ ଖୋଜି ପାଇବାକୁ ଟିକେ ବୁଦ୍ଧି ଖଟାନ୍ତୁ ନା !

**ପ୍ରଶ୍ନ**– ସେ ମୋ ଦିଲ୍‌କା ରାନୀ। ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ବି.କେ. ସାହୁ, ରାଉରକେଲା*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ୱାନ୍–ସାଇଡ୍ ଲଭ୍ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଅଧିକ ସ୍ୱପ୍ନ ଦେଖିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ**– ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। ଏବେ ମୁଁ କ'ଣ କଲେ ଠିକ୍ ହେବ ?

*–ବ୍ୟୋମକେଶ, ପାରାଦ୍ୱୀପ, ଜଗତସିଂହପୁର*

**ଉତ୍ତର:** ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ପ୍ରେମରେ ପ୍ରଥମେ ବିଶ୍ୱାସ ଦୃଢ଼ ରହିବା ନିହାତି ଦରକାର। ନ ହେଲେ ସେଭଳି ପ୍ରେମକୁ ନେଇ କିଛି ଆଶା କରିବା ବୃଥା। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦ ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**– ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ସୁରେଶ କୁମାର, ଖୋର୍ଦ୍ଧା*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା 'ଆଇ ଲଭ୍ ୟୁ'କୁ ତର୍ଜମା କରୁଛି। ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ କ'ଣ ଆପଣ ତା'ର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ**– ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ତାକୁ ଯଦି ସେ ପ୍ରେମ କବିତାଗୁଡ଼ିକ ଶୁଣାଏ ତେବେ ସେ ସେଗୁଡ଼ିକୁ ପ୍ରଶଂସା କରିବ ତ ?

*–କୁମାର, ପୁରୀ*

**ଉତ୍ତର:** ଆପଣଙ୍କ ଭିତରେ କବିତା ଲେଖିବାର ପ୍ରତିଭା ଅଛି– ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ ଆପଣଙ୍କ ପ୍ରେମିକା ମଗଜରେ ସେକଥା ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ଆପଣ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।

# ଭିନ୍ନ ଏମାନଙ୍କ ରଙ୍ଗ



ଆମ ଚାରିପଟେ ବିଭିନ୍ନ ପ୍ରଜାତିର ପ୍ରାଣୀ ଅଛନ୍ତି। ସେମାନଙ୍କ ରଙ୍ଗ, ଗଢଣ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ହେଲେ କିଛି ପ୍ରାଣୀ ଅଛନ୍ତି ଯେଉଁମାନେ ସେମାନଙ୍କ ସ୍ୱାଭାବିକ ରଙ୍ଗଠୁ ଭିନ୍ନ ରଙ୍ଗରେ ବି ଦେଖିବାକୁ ମିଳନ୍ତି। କେଉଁ ପ୍ରାଣୀଙ୍କ ପାଇଁ ଏହି ପରିବର୍ତ୍ତିତ ରଙ୍ଗ ବରଦାନ ପାଲଟିଥାଏ, ତ କାହା ପାଇଁ ଅଭିଶାପ। ଜାଣନ୍ତୁ ସେମିତି କୋଡେଟି ପ୍ରାଣୀଙ୍କ ସମ୍ପର୍କରେ...

**ଧଳା କାଉ:** କାଉ କଳା ବୋଲି ସମସ୍ତେ ଜାଣନ୍ତି। ଏହା ଯେ, ଅନ୍ୟ କୌଣସି ରଙ୍ଗର ଥାଇପାରେ କେହି ଚିନ୍ତା ବି କରିପାରୁ ନ ଥିବେ। ହେଲେ ଆମେରିକାରେ ଦେଖାଯାଇଥିଲା ଏକ ଧଳା କାଉ। ଯାହାର ପକ୍ଷୀ ସମ୍ପୂର୍ଣ୍ଣ ଧଳା, ଗୋଡ ଓ ଥଣ୍ଟ ଈଷତ୍ ଗୋଲାପୀ ରଙ୍ଗର ଥିଲା। ପ୍ରାଣୀ ବିଜ୍ଞାନୀଙ୍କ ମତରେ ଏହି କାଉଟି ଅଲ୍‌ବିନୋ ବା ବର୍ଣ୍ଣକୋଷହୀନ ରୋଗରେ ଆକ୍ରାନ୍ତ। ତା' ଶରୀରରେ ମେଲାନିନ ତିଆରି ହେଉ ନ ଥିବାରୁ ସେ ଧଳା ରଙ୍ଗର ହୋଇଯାଇଛି।

**ଧଳା ଗୁଣ୍ଡୁଚି:** ଧୂସର, କଳା ଓ ବାଦାମୀ ରଙ୍ଗର ଗୁଣ୍ଡୁଚି ମୂଷା ତ ସମସ୍ତେ ଦେଖିଥିବେ। ହେଲେ ଏଭଳି ଧୋବ ଫରଫର ଗୁଣ୍ଡୁଚି ମୂଷା କେହି ଦେଖି ନ ଥିବେ। ତେବେ ଏହା ଗୁଣ୍ଡୁଚି ମୂଷାର ଏକ ପ୍ରଜାତି ନୁହେଁ। ବରଂ ଯେଉଁ ଗୁଣ୍ଡୁଚି ମୂଷା ବର୍ଣ୍ଣକୋଷହୀନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି ସେମାନଙ୍କ ଲୋମ ଏଭଳି ଧଳା ହୋଇଯାଇଥାଏ। ଆଉ ଏଭଳି ବହୁତ କମ୍ କ୍ଷେତ୍ରରେ ଘଟେ।





**ହଳଦିଆ କଇଁଛ:** ନିକଟରେ ପଶ୍ଚିମବଙ୍ଗରେ ଏକ ଚମ୍‌କଦାର୍ ହଳଦିଆ ରଙ୍ଗର କଇଁଛ ଦେଖିବାକୁ ମିଳିଥିଲା। ଏହାର ନାମ ଇଣ୍ଡିଆନ ଫ୍ଲାପଶେଲ୍ ଟର୍ଟଲ। ଏହି କଇଁଛ ଭାରତ ସମେତ ପାକିସ୍ତାନ, ଶ୍ରୀଲଙ୍କା, ନେପାଳ, ବାଂଲାଦେଶ, ମ୍ୟାନମାର୍ ଦେଖାଯାଆନ୍ତି। ଉଦ୍ଭିଦ ବିଜ୍ଞାନୀଙ୍କ ମତରେ କଇଁଛଟିର ଏଭଳି ବିରଳ ହଳଦିଆ ରଙ୍ଗ ହୁଏତ ବର୍ଣ୍ଣକୋଷହୀନ ରୋଗ ଲାଗି ହୋଇଛି।

**ଦୁଇ ରଙ୍ଗର ଚେହେରା ଥିବା ବିଲେଇ:** ଏହି ବିଲେଇର ଚେହେରାର ଗୋଟିଏ ପାର୍ଶ୍ୱ କଳା ହୋଇଥିବାବେଳେ ଅନ୍ୟ ପଟ ମାଟିଆ ରଙ୍ଗର। ସେହିଭଳି ଡାହାଣ ଆଖି ସବୁଜ ହୋଇଥିବାବେଳେ ବାମ ଆଖିର ରଙ୍ଗ ନୀଳ। ଅଜବ ଚେହେରା ଥିବା ଏହି ବିଲେଇର ନାମ ହେଉଛି ଭେନସ୍। ଆମେରିକା, ନର୍ଥକାରୋଲିନାର ଏକ ଦମ୍ପତି ଏହି ବିଲେଇଟିକୁ ରାସ୍ତାରୁ ପାଇ ଘରକୁ ନେଇ ଆସିଥିଲେ। ଆଉ ତାକୁ ବେଶ୍ ଯତ୍ନର ସହ ପାଳିଥିଲେ। ଏହି ଦମ୍ପତି ସୋସିଆଲ ମିଡିଆରେ ଭେନସ୍ ନାଁରେ ଆକାଉଣ୍ଟ ବି ଖୋଲିଛନ୍ତି। ୟୁଟ୍ୟୁବ୍‌ରେ ତା' ଭିଡିଓର ମିଲିୟନ ମିଲିୟନ ଭ୍ୟୁ ହେଉଛି। ତା'ସହ ଇନ୍‌ଷ୍ଟାଗ୍ରାମରେ ତା'ର ୬୭୩୦୦୦ ଫଲୋୟର ଅଛନ୍ତି। ତେଣୁ ସେ ଏବେ ଏକ ସେଲିବ୍ରିଟି ପାଲଟିଯାଇଛି।






**ପିଙ୍କ ନେକ୍‌ଡ ଗ୍ରୀନ ପିଜନ୍:** ଦକ୍ଷିଣ ପୂର୍ବ ଏସିଆରେ ଦେଖାଯାଏ ଏହି ସୁନ୍ଦର ପାରା। ଏହି ପ୍ରଜାତିର ପାରାର ଉଭୟ ପୁରୁଷ ଓ ମାଇର ଶରୀର ସବୁଜ ରଙ୍ଗ ହୋଇଥିବାବେଳେ, କେବଳ ପୁରୁଷ ପାରାର ବେକ ଗୋଲାପି ରଙ୍ଗର ହୋଇଥାଏ।



**ଇଣ୍ଡିଆନ୍ ବୁଲ୍ ଫ୍ରଗ୍:** ଆଫଗାନିସ୍ତାନ, ବାଂଲାଦେଶ, ଭାରତ, ମ୍ୟାନମାର, ନେପାଳ ପାକିସ୍ତାନ ଆଦି ସ୍ଥାନରେ ଦେଖିବାକୁ ମିଳନ୍ତି ଏକ ଅଜବ ପ୍ରକାରର ବେଙ୍ଗ। ଏହି ବେଙ୍ଗ ଦେଖିବାକୁ ଗାଢ ହଳଦିଆ ରଙ୍ଗର ଏବଂ ପାଟିର ଦୁଇପାର୍ଶ୍ୱରେ ଥିବା ତାଙ୍କ ଦୁଇ ଗାଲ ବେଲୁନ୍ ଭଳି ଫୁଲି ରହିଥାଏ। ଆଉ ତା'ର ରଙ୍ଗ ଗାଢ ନୀଳ ରଙ୍ଗର ହୋଇଥାଏ। ବେଶ୍ ଆକର୍ଷଣୀୟ ଦେଖାଯାଉଥିବା ଏହି ବେଙ୍ଗର ନାମ ହେଉଛି ଇଣ୍ଡିଆନ ବୁଲ ଫ୍ରଗ୍। ଏହାକୁ ଟାଇଗର ଫ୍ରଗ୍, ଗୋଲ୍ଡେନ ଫ୍ରଗ୍ ବି କୁହାଯାଏ।

**ଗୋଲାପି ଝିଣ୍ଟିକା:** ଝିଣ୍ଟିକା ତ ସବୁଜ ରଙ୍ଗର ହୋଇଥାନ୍ତି। ଏଇ ରଙ୍ଗ ପାଇଁ ଏମାନେ ଘାସପତ୍ରରେ ବେଶ୍ ଆରାମରେ ପରଭକ୍ଷୀଙ୍କଠାରୁ ଲୁଚି ଯାଇପାରନ୍ତି। ହେଲେ ଗୋଲାପି ରଙ୍ଗର ଝିଣ୍ଟିକା କେବେ ଦେଖିଛନ୍ତି ? ହଁ, ଏହି ରଙ୍ଗର ଝିଣ୍ଟିକା ବି ଅଛି। ଆଉ ଏହା ବେଶ୍ ବିରଳ। ବିଶେଷଜ୍ଞଙ୍କ ମତରେ ଝିଣ୍ଟିକାର ଜେନେଟିକ୍ ମ୍ୟୁଟେସନ୍ 'ଏରିଥ୍ରିଜମ୍' ହେଲେ ତାହା ଗୋଲାପି ରଙ୍ଗର ହୋଇଯାଏ। ତେବେ ଏଭଳି ରଙ୍ଗରେ ରୂପାନ୍ତରିତ ହେବା ଝିଣ୍ଟିକା ପାଇଁ ବିପଦ ଆଣିଥାଏ। କାରଣ ବେଶ୍ ସହଜରେ ପରଭକ୍ଷୀମାନେ ଏଭଳି ଝିଣ୍ଟିକାକୁ ଖୋଜିଦିଅନ୍ତି।






**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## କିସ୍

ଗୋପାଳ ବସ୍‌ଙ୍କୁ ଏସ୍‌ଏମ୍‌ଏସ୍ କରି– ସାର୍, ମୋ ମୁଣ୍ଡ ପ୍ରବଳ ବିନ୍ଧୁଛି। ଆଜି ମୁଁ ଅଫିସ୍ ଯାଇପାରିବିନି।
ବସ୍– ମୋର ମୁଣ୍ଡ ବିନ୍ଧା ହେଲେ ମୁଁ ମୋ ସ୍ତ୍ରୀକୁ କିସ୍ କରେ। ଆଉ ମୁଣ୍ଡ ବିନ୍ଧା କୁଆଡେ ଉଭେଇ ଯାଏ। ତୁମେ ବି ସେମିତି କରୁନ।
୨ ଘଣ୍ଟା ପରେ ଗୋପାଳ ବସ୍‌ଙ୍କୁ ଏସ୍‌ଏମ୍‌ଏସ୍ କରି– ସାର୍, ମୁଁ ଅଫିସ୍‌କୁ ଆସୁଛି।
ବସ୍: ମୁଣ୍ଡ ବିନ୍ଧା କ'ଣ ଭଲ ହେଇଗଲା ?
ଗୋପାଳ: ହଁ। ସତରେ ଆପଣଙ୍କ ସ୍ତ୍ରୀଙ୍କ କିସ୍‌ରେ ଅଦ୍ଭୁତ ଜାଦୁ ଅଛି...।

## ରୁଟି

ଶିକ୍ଷକ ରାଜୁକୁ– ଜଣେ ମହିଳା ୧ ଘଣ୍ଟାରେ ୫୦ଟି ରୁଟି ତିଆରି କରୁଛନ୍ତି। ତେବେ ୩ ଜଣ ମହିଳା ଏକ ଘଣ୍ଟାରେ କେତୋଟି ରୁଟି କରିବେ ?
ରାଜୁ– ଗୋଟିଏ ବି ନୁହେଁ, କାରଣ ତିନିଜଣ ମିଶି ଗପିବେ ଓ ଚୁଗ୍‌ଲି କରିବେ।

## ଶୀତଳ ଛାୟା

ମୋହନ ଗଛ ତଳେ ବସିଥିବାର ଦେଖି
ରାଜେଶ– ଗଛ ତଳେ କାହିଁକି ବସିଛୁ ?
ମୋହନ– ମତେ ଜଣେ କହିଲେ, ଗଛ ତଳେ ବସିଲେ ଶୀତଳ ଛାୟା ମିଳିବ।
ରାଜେଶ– ଓଃ, ସେଥିପାଇଁ ବସିଛୁ।
ମୋହନ– ହଁ, ହେଲେ ଏ ଯାଏଁ ନା ଶୀତଳ ଆସିଲା, ନା ଆସିଲା ଛାୟା।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ: କମଲ ଫଟୋଗ୍ରାଫି**





**ପାହାଡ଼, ଝରଣା, ଘାଟି ହେଉକି ବେଳାଭୂମି ଅଥବା ଅଭୟାରଣ୍ୟର ଅପୂର୍ବ ପ୍ରାକୃତିକ ଦୃଶ୍ୟ ତ ଅନେକ ଦେଖିଥିବେ। କିନ୍ତୁ ହୋଲି ଅବସରରେ ଏମିତି କିଛି ଜାଗାକୁ ବୁଲିଯିବାର ପ୍ଲାନିଂ କରନ୍ତୁ; ଯେଉଁଠି ଭ୍ରମଣର ସୁବିଧା ଥିବା ସହିତ କିଛି ନିଆରା ଅନୁଭୂତି ସାଉଁଟିବାର ସୁଯୋଗ ବି ମିଳିପାରୁଥିବା ଯେମିତିକି...**

# ହୋଲିରେ ବୁଲାବୁଲି







✲ **ମଥୁରା ଓ ବୃନ୍ଦାବନ:** ଏଠାରେ ସମ୍ପୂର୍ଣ୍ଣ ପାରମ୍ପରିକ ଢଙ୍ଗରେ ହୋଲି ଉତ୍ସବ ପାଳନ କରାଯାଇଥାଏ। ହୋଲିରେ ଫଗୁ ଖେଳଠୁ ଆରମ୍ଭ କରି ରାଧାକୃଷ୍ଣଙ୍କ ନାମ ଉଚ୍ଚାରଣ ଏବଂ ନଗର ପରିକ୍ରମା କରିବାର ଦୃଶ୍ୟ ଏଠି ବେଶ୍ ନିଆରା ଲାଗେ ଦେଖିବାକୁ। ତା'ଛଡ଼ା ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାର କରି ସ୍ଥାନୀୟ ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ନାଟକ ବି କିଛିଟା ନିଆରା ଅନୁଭୂତି ଦେଇଥାଏ ପର୍ଯ୍ୟଟକଙ୍କୁ।

✲ **ବରସାନା:** ଉତ୍ତରପ୍ରଦେଶର ମଥୁରା ଜିଲା ଅନ୍ତର୍ଗତ ଏକ ଐତିହାସିକ ସହର ହେଉଛି ବରସାନା; ଯାହାକି ରାଧାରାଣୀଙ୍କ ଜନ୍ମସ୍ଥାନ ଭାବେ ବି ପରିଚିତ। ପ୍ରତିବର୍ଷ ହୋଲି ଅବସରରେ ନନ୍ଦଗାଁରୁ କିଛି ଗୋପ ଯୁବକ ବରସାନାର ଗୋପୀମାନଙ୍କୁ ରଙ୍ଗ ଲଗାଇବା ପାଇଁ ଆସିଥାନ୍ତି। ହେଲେ ଗୋପୀମାନେ ବାଡି ଧରି ସେମାନଙ୍କୁ ଘଉଡାଇଲାବେଳେ ଗୋପ ଯୁବକମାନେ ଢାଲ ଧରି ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି; ଯାହା ଦେଖିବାକୁ ଖୁବ୍ କୌତୁକିଆ ଲାଗିଥାଏ। ଏହି ଖେଳକୁ ସ୍ଥାନୀୟ ଲୋକେ ଲଠ୍‌ମାର୍ ହୋଲି କହିଥାନ୍ତି। ଏହି ଖେଳରେ ରାଗ କି ହିଂସା ନ ଥାଏ ବରଂ ଏହାକୁ ଏକ ପରମ୍ପରା ଭାବେ ପ୍ରତିବର୍ଷ ଏଠାରେ ପାଳନ କରାଯାଇଥାଏ। କାରଣ ଶ୍ରୀକୃଷ୍ଣ ବି ଏମିତି ରାଧାରାଣୀଙ୍କୁ ହୋଲିରେ ହଇରାଣ କରୁଥିଲେ ଏବଂ ପ୍ରତି ବଦଳରେ ତାଙ୍କଠାରୁ ଲାଠିମାଡ଼ ବି ଖାଉଥିଲେ। ସେହିଦିନଠୁ ଏହି ପରମ୍ପରା ଏଠାରେ ଚାଲିଆସୁଛି; ଯାହାକୁ ଦେଖିବାକୁ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ବି ଜମୁଛି।

✲ **ଫୁଲେରା ଦୁଜ୍:** ଏହା ବି ଏକପ୍ରକାର ନିଆରା ହୋଲି ଉତ୍ସବ। ଏଥିରେ ରଙ୍ଗ ନୁହେଁ ବରଂ ଫୁଲରେ ହୋଲି ଖେଳାଯାଏ। କାରଣ ଏକଦା ପ୍ରଭୁ ଶ୍ରୀକୃଷ୍ଣ କାମରେ ବ୍ୟସ୍ତ ରହି ରାଧାରାଣୀଙ୍କୁ ଦେଖା କରିବାକୁ ନଯିବାରୁ ରାଧା ଦୁଃଖରେ ଥାନ୍ତି। ତାଙ୍କ ଦୁଃଖ ଦେଖି ଅନ୍ୟ ଗୋପୀମାନେ ବି ଦୁଃଖ କରନ୍ତି; ଯାହାର ପ୍ରଭାବ ପ୍ରକୃତି ଉପରେ ପଡେ। ଗଛଲତା, ଫୁଲ, ପତ୍ର ହଠାତ୍ ସବୁ ଝାଉଁଳିଯାଏ। ଏହାଦେଖି ଶ୍ରୀକୃଷ୍ଣ ଘଟଣା ସମ୍ପର୍କରେ ଜାଣିପାରି ରାଧାଙ୍କୁ ଦେଖା କରିବାକୁ ଯାଇ ତାଙ୍କୁ ମନେଇବାକୁ ତାଙ୍କ ଉପରକୁ କିଛି ମଉଳି ଯାଇଥିବା ଫୁଲ ପକାନ୍ତି। ରାଧା ଓ ଗୋପୀମାନେ ବି ପ୍ରଭୁଙ୍କ ଉପରକୁ ଫୁଲ ପକାନ୍ତି। ଧୀରେଧୀରେ ମାହୋଲ ହସଖୁସିରେ ଭରିଯାଏ; ଯାହାର ପ୍ରଭାବରେ ମଉଳି ଯାଇଥିବା ଗଛଲତା, ଫୁଲପତ୍ର ବି ପୁଣି ତାଜା ହୋଇଉଠନ୍ତି। ସେବେଠାରୁ ଏହି ପରମ୍ପରାକୁ ଫୁଲେରା ଦୁଜ ଭାବେ ମଥୁରା, ବୃନ୍ଦାବନ ତଥା ବରାସାନାରେ ଥିବା ସମସ୍ତ ରାଧାକୃଷ୍ଣ ମନ୍ଦିରରେ ପାଳନ କରାଯାଇଥାଏ। ଭକ୍ତଗଣ ଦିନତମାମ୍ ରାଧାକୃଷ୍ଣଙ୍କ ଉପରେ ଏତେ ଫୁଲ ପକାନ୍ତି ଯେ, ମନ୍ଦିର ପରିସର ଫୁଲରେ ଭର୍ତ୍ତି ହୋଇଯାଏ। ଏହି ଉତ୍ସବଟି ହୋଲିର କିଛିଦିନ ପୂର୍ବରୁ ଏଠାରେ ପାଳିତ ହେଉଥିଲେ ହେଁ; ଏହାକୁ ହୋଲିର ପ୍ରାରମ୍ଭ ବୋଲି ବି କୁହାଯାଇଥାଏ।


✲ **ଶାନ୍ତିନିକେତନ:** ପଶ୍ଚିମବଙ୍ଗସ୍ଥିତ ଶାନ୍ତିନିକେତନରେ ହୋଲି ପର୍ବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ। ଲୋକପ୍ରିୟ କବି ରବୀନ୍ଦ୍ରନାଥ ଟାଗୋର ଶାନ୍ତିନିକେତନରେ ଏହି ଉତ୍ସବ ପ୍ରଥମେ ଆରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଉତ୍ସବ ଏଠାରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ହୋଲି ଖେଳ ସାଙ୍ଗକୁ ଗୀତ ଓ ନାଚର ଆସର ଏଠାକାର ପରିବେଶକୁ ବେଶ୍ ରଙ୍ଗିନ୍ କରିଦିଏ।

✲ **ପୁରୁଲିଆ:** ପଶ୍ଚିମବଙ୍ଗସ୍ଥିତ ପୁରୁଲିଆର ସାଂସ୍କୃତିକ ଐତିହ୍ୟ ବି ଖୁବ୍ ସମୃଦ୍ଧ। ଏଠାରେ ପ୍ରତି ପର୍ବ ସମୟରେ ପାରମ୍ପରିକ ନୃତ୍ୟକଳାର ଝଲକ ଦେଖିବାକୁ ମିଳିଥାଏ। ଖାସ୍ କରି ହୋଲିରେ ସ୍ଥାନୀୟ ବାସିନ୍ଦା ଅବିରରେ ହୋଲି ଖେଳିବା ସହିତ ବିଭିନ୍ନ ପ୍ରକାର ଲୋକକଳା ପରିବେଷଣ କରିବାକୁ ବେଶ୍ ପସନ୍ଦ କରିଥାନ୍ତି; ଯାହା ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

✲ **ଉଦୟପୁର:** ରାଜସ୍ଥାନର ଉଦୟପୁରରେ ରୟାଲ୍ ହୋଲି ଦେଖିବାର ମଜା ହିଁ କିଛି ନିଆରା ଲାଗେ; ଯାହାର ମୁଖ୍ୟ ଆକର୍ଷଣ ଥାଏ ହୋଲିକା ଦହନ। ଏହାକୁ ମୁଖ୍ୟତଃ ସ୍ଥାନୀୟ ମେୱାଡ୍ ରାଜ ପରିବାରର ବଂଶଧରମାନେ ପାଳନ କରିଥାନ୍ତି। ହୋଲିକା ଦହନ ପାଇଁ ଯିବା ପୂର୍ବରୁ ରାଜ ପରିବାରର ପ୍ରତ୍ୟେକ ସଦସ୍ୟ ପାରମ୍ପରିକ ପୋଷାକ ପିନ୍ଧିଥାନ୍ତି। ସେମାନଙ୍କ ସହିତ ସୁସଜ୍ଜିତ ଘୋଡା ଏବଂ ରୟାଲ୍ ବ୍ୟାଣ୍ଡ ମଧ୍ୟ ଶୋଭାଯାତ୍ରାରେ ଯାଇଥାଏ; ଯାହା ଦେଖିବାକୁ ବେଶ୍ ଆକର୍ଷକ ହୋଇଥାଏ।

ଏସବୁବାଦ୍ ହୋଲି ଅବସରରେ ପଞ୍ଜାବର ହୋଲା ମୋହଲ୍ଲା, ମହାରାଷ୍ଟ୍ରର ରଙ୍ଗ ପଞ୍ଚମୀ, କେରଳର ମଞ୍ଜୁଲ୍ କୁଲି ତଥା ଦିଲ୍ଲୀର ମ୍ୟୁଜିକାଲ୍ ହୋଲି ଦେଖିବାକୁ ବି ବେଶ୍ ଆକର୍ଷଣୀୟ ଲାଗିଥାଏ।







# କଲ୍ ଉଠାଇଲେ କାହିଁକି କୁହାଯାଏ 'ହେଲୋ'

**ସେ ଧନୀ ହୁଅନ୍ତୁ ଅବା ଗରିବ। ଶିକ୍ଷିତ ହୁଅନ୍ତୁ ଅବା ଅଶିକ୍ଷିତ। ସହରୀ ହୁଅନ୍ତୁ ଅବା ଗାଉଁଲି, ଫୋନ୍ ଉଠାଇବା ମାତ୍ରେ ସମସ୍ତେ 'ହେଲୋ' କୁହନ୍ତି। ତେବେ ଜାଣନ୍ତି କି ଏଇ ଶବ୍ଦକୁ କେବେ ଓ କାହିଁକି ଚୟନ କରାଯାଇଥିଲା?**

ସେ ଲ୍ୟାଣ୍ଡଲାଇନ୍ ଫୋନ୍ ହେଉ ଅବା ମୋବାଇଲ, ରିଂ ହେଲେ ତାକୁ ଉଠାଇବାମାତ୍ରେ ପାଟିରୁ ଆପେ ବାହାରିଯାଏ 'ହେଲୋ'। ସେ ଧନୀ ହୁଅନ୍ତୁ ଅବା ଗରିବ, ଶିକ୍ଷିତ ହୁଅନ୍ତୁ ଅବା ଅଶିକ୍ଷିତ, ସହରୀ ହୁଅନ୍ତୁ ଅବା ଗାଉଁଲି ଫୋନ୍ ଉଠାଇବା ମାତ୍ରେ 'ହେଲୋ' ହିଁ କୁହନ୍ତି। ଏହି ଇଂରାଜୀ ଶବ୍ଦକୁ ପୃଥିବୀର ବିଭିନ୍ନ ସ୍ଥାନରେ ଫୋନ୍ ରିସିଭ୍ କରିବାବେଳେ କୁହାଯାଏ। ତେବେ ଜାଣନ୍ତି କି ଏଇ ଶବ୍ଦକୁ ହିଁ କାହିଁକି ଚୟନ କରାଯାଇଥିଲା ?

ଗ୍ରାହମବେଲ୍‌ଙ୍କୁ ଟେଲିଫୋନ୍‌ର ଜନକ କୁହାଯାଏ। ହେଲେ ପ୍ରାରମ୍ଭିକ ସମୟରେ ଫୋନ୍ ରିସିଭ୍ କରୁ କରୁ ଯେଉଁଶବ୍ଦ କୁହାଯିବା ଲାଗି ସେ ଚୟନ କରିଥିଲେ ତାହା ହେଲୋ ନ ଥିଲା। ରିଡର୍ସ ଡାଇଜେଷ୍ଟ ୱେବସାଇଟ୍ ଅନୁସାରେ ଗ୍ରାହାମ ବେଲ ସ୍ଥିର କରିଥିଲେ ଯେ, ଫୋନ୍ ଉଠାଇବା ପରେ



ଲୋକେ ଯେଉଁ ଶବ୍ଦ କୁହିବେ ତାହା ହେଉଛି 'ଅହୋୟ'। ଏହା ଡଚ୍ ଶବ୍ଦ ହାୟରୁ ଉଦ୍ଧୃତ ହୋଇଥିଲା, ଯାହାକୁ ଜାହାଜ କିମ୍ବା ଡଙ୍ଗାକୁ ଡକାଇବାର ଏକ କୋଡୱାର୍ଡ୍ ଥିଲା। ଏହି ଶବ୍ଦକୁ ଅଭିନନ୍ଦନ ଜଣାଇବା, ସତର୍କ ରହିବା ପାଇଁ ବ୍ୟବହାର କରାଯାଉଥିଲା। ତେବେ ଉକ୍ତ ଶବ୍ଦଟି ହେଲୋ ଶବ୍ଦଠାରୁ ୧୦୦ ବର୍ଷ ପୁରୁଣା ଥିଲା। ସେ ଏହି ଶବ୍ଦକୁ ସାରା ଜୀବନ ବ୍ୟବହାର କରିବାକୁ ପ୍ରସ୍ତୁତ ଥିଲେ। ଅନ୍ୟପକ୍ଷେ ସେତେବେଳେ ହେଲୋ ଶବ୍ଦକୁ ଗ୍ରିଟ୍ କରିବା ତଥା ଅଭିନନ୍ଦନ ଜଣାଇବା ପାଇଁ ବ୍ୟବହାର କରାଯାଉ ନ ଥିଲା, ବରଂ ଧ୍ୟାନ ଆକର୍ଷିତ କରିବା ଲାଗି ବ୍ୟବହାର କରାଯାଉଥିଲା। ଆଉ ଟେଲିଫୋନ୍‌କୁ ପ୍ରାରମ୍ଭିକ ସମୟରେ ୱାକିଟକି ଭଳି ବ୍ୟବହାର କରାଯାଉଥିଲା। କଥାବାର୍ତ୍ତା ତ ହେଉଥିଲା ହେଲେ ଜଣାପଡୁ ନଥିଲା କେତେବେଳେ କଥା ଆରମ୍ଭ ହେଉଥିଲା ଓ କେବେ ସଜାଗ ହୋଇ ଶୁଣିବାକୁ ହେବ। ଏହି କାରଣରୁ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ ଥୋମାସ୍ ଏଡିସନ୍ 'ହେଲୋ' ଶବ୍ଦକୁ ବାଛିଥିଲେ। ସେ ନିଜର ପ୍ରତିଦ୍ୱନ୍ଦ୍ୱୀ ବୈଜ୍ଞାନିକ ଗ୍ରାହାମ ବେଲ୍ ବାଛିଥିବା ଶବ୍ଦ ସ୍ଥାନରେ 'ହେଲୋ'କୁ ପ୍ରପୋଜ କରିଥିଲେ। ଆଉ ପିଟ୍‌ସବର୍ଗରେ ଥିବା ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଆଣ୍ଡ ପ୍ରିଣ୍ଟିଂ ଟେଲିଗ୍ରାଫ କମ୍ପାନୀର ପ୍ରେସିଡେଣ୍ଟଙ୍କୁ ଚିଠି ଲେଖି 'ହେଲୋ' ଶବ୍ଦର ବ୍ୟବହାର କରିବା ଲାଗି ପ୍ରସ୍ତାବ ପଠାଇଥିଲେ, ଯାହାକି ପରେ ମଞ୍ଜୁର ହୋଇଥିଲା। ଆଉ ସେ ସମୟରେ ପ୍ରଥମ ଟେଲିଫୋନ୍ ବୁକ୍‌ଗୁଡିକରେ ବି ହେଲୋକୁ ଆଧିକାରିକ ଗ୍ରିଟିଂ ଶବ୍ଦ ଭାବେ ଗ୍ରହଣ କରାଯାଇଥିଲା। ସେବେଠାରୁ ଫୋନ୍ ଉଠାଇବାପରେ 'ହେଲୋ' ଶବ୍ଦ ପ୍ରୟୋଗ ହେଉଛି।



# ଘରେ ପାଳିଛନ୍ତି ୫୦ ମୂଷା

ଘରେ ଲୋକେ କୁକୁର, ବିଲେଇ, ବିଭିନ୍ନ ପ୍ରକାରର ଚଢେଇ ପେଟ୍ କରି ରଖନ୍ତି। ହେଲେ କେହି କ'ଣ ଘରେ ଉତ୍ପାତ୍ କରୁଥିବା ମୂଷାକୁ ପୋଷନ୍ତି ? ଜାଣି ଆଶ୍ଚର୍ଯ୍ୟ ହେବେ ମିଶେଲ ରେବୋନ୍ ନାମ୍ନୀ ଜଣେ ମହିଳା ନିଜ ଘରେ ୫୦ଟି ମୂଷା ପୋଷିଛନ୍ତି। ଆଉ



ସେମାନଙ୍କର ଯତ୍ନ ସେ ନିଜ ପିଲାଙ୍କ ପରି ନିଅନ୍ତି। ଆମେରିକାର ସେନା ବିଭାଗରୁ ଅବସର ନେବାପରେ ମିଶେଲ କାଲିଫର୍ନିଆରେ ରହୁଛନ୍ତି। ତାଙ୍କୁ ଜୀବଜନ୍ତୁ ବହୁତ ଭଲ ଲାଗନ୍ତି। ତେଣୁ ସେ ଘରେ ଭିନ୍ନ ଭିନ୍ନ ପ୍ରକାରର ଜୀବ ପୋଷିଛନ୍ତି। ଏହି ପେଟ୍ ମଧ୍ୟରେ ୫୦ଟି ମୂଷା ବି ଅଛନ୍ତି। ଏସବୁ ହେଉଛି ସେହି ମୂଷା ଯାହାକୁ ଘରୁ ବାହାର କରିବା ଲାଗି ସମସ୍ତେ ବିଭିନ୍ନ ଉପାୟ ଆପଣାଇଥାନ୍ତି। ମିଶେଲ ରଖିଥିବା ମୂଷାଙ୍କ ଭିତରେ ୨୫ଟି ମାଈ ଓ ୨୫ଟି ଅଣ୍ଡିରା ମୂଷା ଅଛନ୍ତି। ୨୦୧୮ରେ ସେ ପ୍ରଥମେ ଦୁଇଟି ମୂଷା ଆଣିଥିଲେ। ପରେ ଧୀରେ ଧୀରେ ସେମାନଙ୍କ ସଂଖ୍ୟା ବଢି ବଢି ଏବେ ୫୦ରୁ ଊର୍ଦ୍ଧ୍ୱ ହେଇଗଲାଣି। ଏହିସବୁ ମୂଷାଙ୍କୁ ସେ ବେଶ୍ ଯତ୍ନର ସହ ରଖିଛନ୍ତି। ମିଶେଲଙ୍କ ଘରେ ବିଲେଇ ବି ଅଛନ୍ତି। ହେଲେ ମୂଷା ଓ ବିଲେଇମାନଙ୍କ ସମ୍ପର୍କ ଏତେ ଭଲ ଯେ, ବିଲେଇ ମୂଷାମାନଙ୍କର କିଛି କ୍ଷତି କରନ୍ତି ନାହିଁ। ମିଶେଲ କୁହନ୍ତି, ମୋ ମୂଷାଗୁଡିକ ଭାରି ମିଶାଣିଆ। ଭୋକ ହେଲେ ସେମାନେ ମୋ ପାଖକୁ ଦୌଡି ଆସନ୍ତି। ଏମାନେ ଘରେ କିଛି ନଷ୍ଟ ବି କରନ୍ତି ନାହିଁ। ମୂଷାଙ୍କ ବ୍ୟତିତ ମିଶେଲଙ୍କ ପାଖରେ ୨ଟି କୁକୁର ଓ ୨ଟି ଘୁଷୁରୀ ପେଟ୍ ବି ଅଛି। ସବୁ ପ୍ରାଣୀଙ୍କ ଖାଇବା ପିଇବା ଓ ରହିବା ପାଇଁ ସେ ଅଲଗା ଅଲଗା ବ୍ୟବସ୍ଥା କରିଛନ୍ତି।



# ଲିଟ୍ ଫେଷ୍ଟର ଅନ୍ତରାଳେ




**କଥା ଚାଟ୍**

– ଓଁ ଅଭିଜ୍ଞାନ ସାହୁ

ଏବେ ଗାଁ ଗାଁରେ ଅଷ୍ଟପ୍ରହରି, ଘରେ ଘରେ କଥା ପାରାୟଣ ସାଙ୍ଗକୁ ତାଳ ଦେଇ ସହରରେ ଠାଆକୁ ଠାଏ ଚାଲିଛି ସାହିତ୍ୟ ଉତ୍ସ ବା ଲିଟ୍ ଫେଷ୍ଟ। ଅଦ୍ଭୁତ ସଂଯୋଗ। ସମୁଦାୟ କାର୍ଯ୍ୟକ୍ରମକୁ ନିରିଖେଇ ଦେଖିଲେ ଅଷ୍ଟପ୍ରହରି, କଥା ପାରାୟଣ ଓ ଲିଟ୍ ଫେଷ୍ଟର ସାହିତ୍ୟ ଆଲୋଚନା ପ୍ରାୟ ସମଧର୍ମୀ ଲାଗନ୍ତି। ଭକ୍ତି ବିନା ସଂକୀର୍ତ୍ତନ, ଆଚରଣ ବିନା ପ୍ରବଚନ ଓ ପ୍ରତିବଦ୍ଧତା ବିନା ସାହିତ୍ୟ ମନ୍ଥନ ଭିତରେ ସେମିତି କିଛି ଭାବଗତ ପ୍ରଭେଦ ନାହିଁ। ସବୁ ଲିଟ୍ ଫେଷ୍ଟ ଏବେ ଅନ୍ତର୍ଜାତୀୟ। ଆଗରୁ ଶହେ ବର୍ଷ ପୁରୁଣା ସଭାଗୃହ ହେଉ କି ସ୍କୁଲ ପଡ଼ିଆରେ ଟେଣ୍ଟ ବାନ୍ଧି ହେଉଥିବା ସଭା, ଆଲୋଚନା ଚକ୍ର ଓ ଅଧିବେଶନ ଜାଗା, ତାରକା ହୋଟେଲର ଶୀତତାପ ନିୟନ୍ତ୍ରିତ ଆବଦ୍ଧ କୋଠରି ଭିତରେ ହେଉଥିବା ସାହିତ୍ୟ ସଭାକୁ ଏବେ ଅନ୍ତର୍ଜାତୀୟ ଲିଟ୍ ଫେଷ୍ଟ କୁହାଯାଉଛି। ଦାମୀ ଅତରର ବାସ୍ନାୟିତ ଆଭିଜାତ୍ୟପୂର୍ଣ୍ଣ ପରିବେଶରେ ସାହିତ୍ୟିକଙ୍କ ମୃଦୁ ଆଳାପ ସହ ହାଏ ବାଏ ସମ୍ଭାଷଣ ସାହିତ୍ୟକୁ ଆହୁରି ଗମ୍ଭୀର କରିଦିଏ। ଲାଗେ ଯେମିତି ବେଶ୍ କିଛି ଚିନ୍ତାଶୀଳ ସାହିତ୍ୟିକ ଏଇ ମାତ୍ର ରସାତଳକୁ ଖସିଯାଇଥିବା ସାହିତ୍ୟର ଯୁଦ୍ଧକାଳୀନ ଉଦ୍ଧାର ପାଇଁ ଚିନ୍ତନ କରୁଛନ୍ତି । ଶୀତତାପ ନିୟନ୍ତ୍ରିତ କୋଠରି, ଆରାମଦାୟକ କୁସନ ଓ ନିଷ୍ପ୍ରଭ ଆଲୋକର ଗୁରୁଗମ୍ଭୀର ପରିବେଶରେ କବି ଯେତେବେଳେ ସର୍ବହରାର ତାନ ଟାଣନ୍ତି ସେତେବେଳେ ପ୍ରଥମ ଧାଡ଼ିରେ ବସିଥିବା ଓ ହଜାରେ ଲୋକଙ୍କୁ ବିସ୍ଥାପିତ କରିସାରିଥିବା କମ୍ପାନୀ ସେଠ୍ଙ୍କ ପାଟିରୁ ବାହାରିଆସେ ମାର୍ଭେଲସ୍, ବ୍ରାଭୋ, ଖୁବ୍ ଶାଣିତ ଏ ସ୍ୱର। ବିଡ଼ମ୍ବନା ଏହି ଯେ ଅସଂଖ୍ୟ ବିଶ୍ୱ ଶାନ୍ତି ଯଜ୍ଞ ପରେ ମଧ୍ୟ ଯେମିତି ବିଶ୍ୱ ଦିନକୁ ଦିନ ଅଧିକ ଅଶାନ୍ତ ହେବାରେ ଲାଗିଛି ସେମିତି ସାହିତ୍ୟରେ ଉଚ୍ଚତର ପରୀକ୍ଷା ନିରୀକ୍ଷା ଓ ମହୋତ୍ସବର ସଂଖ୍ୟାରେ ଅହେତୁକ ବୃଦ୍ଧି ସତ୍ତ୍ୱେ ସାହିତ୍ୟର ମାନ କାଳେ ଦିନକୁ ଦିନ ହ୍ରାସ ପାଉଛି ବୋଲି ଗୁରୁଜନମାନେ ଡିଣ୍ଡିମ ପିଟୁଛନ୍ତି ।

ସାହିତ୍ୟ କେବଳ ନିଛକ ଗପ କବିତା ଭିତରେ ଆଉ ସୀମିତ ହୋଇ ରହିନାହିଁ ବରଂ ଏହା ବ୍ରହ୍ମାଣ୍ଡର ସବୁ ସମସ୍ୟା ପ୍ରତି ଯେ ତା'ର ଦାୟିତ୍ୱବୋଧ ଅଛି ତାହା କୌଣସି ଲିଟ୍ ଫେଷ୍ଟର ବିଷୟ ଚୟନ ଓ କାର୍ଯ୍ୟସୂଚୀ ପ୍ରତି ଧ୍ୟାନ ଦେଲେ ଜାଣିହେବ। ନିକଟରେ ଏକ ଲିଟ୍ ଫେଷ୍ଟ ତୁର୍କୀର ଭୂକମ୍ପ ପୀଡ଼ିତଙ୍କ ସାହାଯ୍ୟାର୍ଥେ ଏକ କବିତା ପାଠୋତ୍ସବ ଆୟୋଜନ କରିବା ସହ ବିଶିଷ୍ଟ କାବ୍ୟକବି ଦୁଃଖବନ୍ଧୁ ରଥଙ୍କ ସହ ପ୍ରସାଦ ସେବନ ପାଇଁ ଏକାବନ ଟଙ୍କା ଓ ମୁଖ ପୁସ୍ତିକାରେ ପୋଷ୍ଟିଂ ନିମନ୍ତେ ଉପସ୍ଥିତ ପ୍ରଣମ୍ୟ ସାହିତ୍ୟିକମାନଙ୍କ ସହ ମହାର୍ଘ୍ୟ ମୁହୂର୍ତ୍ତର ଫଟୋ ଉତ୍ତୋଳନ ପାଇଁ ଏକତିରିଶ ଟଙ୍କା ଚାନ୍ଦା ଆଦାୟ କରାଯାଇଥିଲା। ଆଜିର ଯୁବ ସାହିତ୍ୟିକମାନଙ୍କ ଭିତରେ ସାମାଜିକ ପ୍ରତିବଦ୍ଧତା ଓ ଲୁପ୍ତ ହୋଇଯାଉଥିବା ଲୋକକଳାର ପୁନଃ ଉଦ୍ଧାର ପାଇଁ ବିସ୍ଥାପନ ଥିମ୍ ଉପରେ ହେଉଥିବା କବିତା ପାଠର ତାଳେ ତାଳେ ଇରାନୀ ପଣ୍ଡାଙ୍କ ଦଣ୍ଡନୃତ୍ୟର ଅଭିନବ ପରିକଳ୍ପନା କେବଳ ଆନ୍ତର୍ଜାତିକ ସାହିତ୍ୟ ମହୋତ୍ସବରେ ସମ୍ଭବ। ଲୁପ୍ତପ୍ରାୟ ଦଣ୍ଡ ଲୋକନୃତ୍ୟ ସହ ଅବହେଳିତ ବିସ୍ଥାପିତ ଲୋକଙ୍କ ବିଦ୍ରୋହ କବିତାର ଫ୍ୟୁଜନ ଓଡ଼ିଆ ଭାଷା ସାହିତ୍ୟକୁ ଏକ ନୂତନ ଦିଗନ୍ତ ଛୁଆଁଇବ ବୋଲି ନିକଟରେ ଆୟୋଜନ ହେବାକୁ ଥିବା ଗୋଟେ ମହୋତ୍ସବର ମାର୍ଗଦର୍ଶକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଉକ୍ତ ମହୋତ୍ସବରେ ଓଡ଼ିଆ ସଂସ୍କୃତିର ସାମଗ୍ରିକ ଉତ୍ଥାନ ପାଇଁ ଖଣ୍ଡଗିରି ଲୋକକଳା ପ୍ରତିଷ୍ଠାନର ବିଶିଷ୍ଟ ଲୋକନୃତ୍ୟ ଶିଳ୍ପୀ ଇରାନୀ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଓ ହୀରାକୁଦ ବିସ୍ଥାପିତଙ୍କ ସ୍ୱରକୁ ତୀବ୍ର କରିବା ପାଇଁ ବିଦେଶରୁ ଆମଦାନୀ ହୋଇଆସିଥିବା ଦରଦୀ କବିଙ୍କୁ ମାନପତ୍ର ଦିଆଯିବାର ଯୋଜନା ଅଛି ବୋଲି ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

ସକାଳ ଚା' ଦୋକାନରେ ଦୁଇଜଣ ବ୍ୟକ୍ତି ସାଙ୍ଗହେଇ ବସିଲେ ଯେମିତି ଦେଶର ରାଜନୀତି ବିଷୟରେ ଆଲୋଚନା ହୁଏ ସେମିତି ଦୁଇଜଣ ସାହିତ୍ୟିକ ଯଦି ପରିବା ହାଟରେ ଭେଟ ହେଇଗଲେ ତେବେ ଏ ସିଜନରେ କିଏ କେତୋଟି ଲିଟ୍ ଫେଷ୍ଟରେ କବିତା ପଢିଛନ୍ତି ସେ ବିଷୟରେ ଆଲୋଚନା ହେଉଛି। ଏମିତି ଥରେ ଦୁଇ ଯୁବ ସାହିତ୍ୟିକ ଆଲୋଚନା କରୁଥିବା ବେଳେ ପାଖରେ ପରିବା ବିକୁଥିବା କବି ଦିନୁ ମହାନ୍ତିଙ୍କ ମନ ଦୁଃଖରେ ଭାଙ୍ଗିପଡ଼ିଲା। ପ୍ରେମ କବିତା ଲେଖୁଥିବା ଏହି ଚିରସବୁଜ କବି ଏବେ ସର୍ବହରା। କବିତା ପାଇଁ ସମର୍ପିତ ଏହି କବି ଯିବା ଆସିବା ଓ ରହିବା ପାଇଁ ନିଜ ହାତରୁ ଖର୍ଚ୍ଚକରି ଭିନ୍ନ ଜିଲାକୁ କବିତା ପଢ଼ିବା ପାଇଁ ଯାଆନ୍ତି। ଆବଶ୍ୟକ ସ୍ଥଳେ କବିତା ପାଠୋତ୍ସବର ଖର୍ଚ୍ଚ ପାଇଁ କିଛି କିଛି ସହଯୋଗ ରାଶି ବି ଦେବାକୁ ହୁଏ । ଏମିତି ମାସକୁ ଅନ୍ତତଃ ଦଶଟି କବିତା ପାଠୋତ୍ସବରେ କବିତା ପଢ଼ି ଆଜି ସେ ସର୍ବସ୍ୱାନ୍ତ । ଏକଦା ଖୁବ୍ ସ୍ୱଚ୍ଛଳ ପରିବାରରେ ଜନ୍ମିତ କବି ଦୀନବନ୍ଧୁ ମହାନ୍ତି ଆଜି ଅଲୋଡ଼ା । କୌଣସି ଲିଟ୍ ଫେଷ୍ଟ ତାଙ୍କୁ କବିତା ପଢ଼ିବା ପାଇଁ ଆଉ ଡାକୁନାହାନ୍ତି। କବିତାରେ ଜିଉଁଥିବା




କବି ଆଜି କବିତା ପାଇଁ ପରିବା ବିକାଳି। କବି ଦୀନବନ୍ଧୁ ମହାନ୍ତି ଓରଫ ପରିବା ବିକାଳି ଦିନୁଆ ଏବେ ଆଭିଜାତ୍ୟପୂର୍ଣ୍ଣ ଲିଟ୍ ଫେଷ୍ଟ ଆୟୋଜକଙ୍କ ଦୃଷ୍ଟିର ଢେର୍ ଦୂରକୁ ଚାଲିଯାଇଛନ୍ତି। କେବେ କେବେ ଦିନୁଆ ବିଭିନ୍ନ କବିତା ପାଠୋତ୍ସବକୁ ଯାଇ ଅର୍ଜିଥିବା ଏ-ଫୋର୍ ସାଇଜ୍‌ର ଥାକେ ପ୍ରିଣ୍ଟେଡ୍ ମାନପତ୍ର ଦେଖି ଦୀର୍ଘନିଃଶ୍ୱାସ ଛାଡ଼ନ୍ତି । ଏବେ ସମ୍ବଳ ବୋଇଲେ ତାଙ୍କର କେବଳ ଏତିକି। ପରିବା କିଣୁଥିବା ଦୁଇ ଯୁବ ସାହିତ୍ୟିକଙ୍କୁ ଦିନୁଆ ଆଙ୍ଗୁଠିରେ ଇସାରା କରି କହିଲେ, ଆନ୍ତର୍ଜାତିକ ମହୋତ୍ସବରେ ଖାଲି କବିତା ପଢ଼ିଲେ ନା କିଛି ମାଲ୍‌ପାଣି ବି ମିଳିଲା । ପରିବା କିଣୁଥିବା ଜଣେ ସାହିତ୍ୟିକ କହିଲେ, 'ସେ କଥା କାହିଁକି ପଚାରୁଛ। ଚୋର ମା' କାନ୍ଦେନି କାନ୍ଦିଲେ ଲୁଚି ଲୁଚି କାନ୍ଦେ। ରାତି ଅନିଦ୍ରା ହେଇ ଏତେଦୂରରୁ ବସ୍‌ରେ ଯାଇ ପହଞ୍ଚିଥିଲି। ସକାଳୁ ସେହି ସହରରେ ରହୁଥିବା ଜଣେ ବନ୍ଧୁଙ୍କ ଘର ପାଇଁ ଦୁଇଶହ ଟଙ୍କାର ମିଠା ନେଇ ବନ୍ଧୁ ଘରେ ଗାଧେଇ ଫେଷ୍ଟ ହେଉଥିବା ଜାଗାରେ ପହଞ୍ଚିଲି। କବିତା ପାଠ ଆରମ୍ଭ ହେବା ପୂର୍ବରୁ ସଞ୍ଚାଳକ କହିଲେ, ଆଶାଠାରୁ ଅଧିକ କବି ଆସିଥିବାରୁ ପ୍ରତ୍ୟକଙ୍କୁ ଦୁଇମିନିଟ ଲେଖା ସମୟ ଦିଆଯିବ। ଭାଇ କହନା ସେ କଥା, ମୁଁ କବିତା ଅଧା ପଢ଼ିଛି ଘଣ୍ଟି ବାଜିଗଲା। କ'ଣ ହେଲା ବୋଲି ପଛକୁ ଅନେଇଲା ବେଳକୁ ମୋ ପରେ ପଢ଼ିବାକୁ ଥିବା କବି ଆସି ପଛରେ ଠିଆ ହେଇଗଲେଣି। କବିତା ଅଧା ପଢ଼ି ରାତି ଅନିଦ୍ରା ହୋଇ ବସ୍‌ରେ ଘରକୁ ଫେରିଲାବେଳେ ମନ କ'ଣ ହେଉଥିବ ବୁଝିପାରୁଥିବ। ଖାଲି ଲୋକଲଜ୍ଜା ପାଇଁ କିଛି ଫଟୋ ମୁଖ ପୁସ୍ତିକାରେ ଛାଡ଼ିଛି। ଏତେ ଖର୍ଚ୍ଚାନ୍ତ ପରେ 'ଅଖା ଧୋଉଥା ଗୁଣ ଗାଉଥା' ଭଳି ମୋର ଅନୁଭବ।

ଆମ କଥା ଛାଡ଼, ବହୁ ପ୍ରତିଷ୍ଠିତ ଲେଖକଙ୍କ ଅବସ୍ଥା ଆହୁରି ଦୟନୀୟ । ପଇଁଚାଳିଶ ମିନିଟିଆ ଆଲୋଚନା ପାଇଁ ଛଅଜଣ ବକ୍ତାଙ୍କ ସହ ସଞ୍ଚାଳକଙ୍କୁ ମିଶେଇ ଗାଏମୋଟ୍ ସାତଜଣ ମଞ୍ଚ ଉପରେ। ଅତିଥି ପରିଚୟ ଓ ବକ୍ତାଙ୍କ ବକ୍ତବ୍ୟ ପରେ ନିଜ ମତ ରଖିବାରେ ଖୋଦ୍ ସଞ୍ଚାଳକ ଅଧା ସମୟ ସାରିଦେଲେ। ଜଣେ ଅଗ୍ରଜ ଲେଖକଙ୍କୁ ସମୟ ଅଭାବରୁ ଅଷ୍ଟ୍ରେଲିଆରେ ଓଡ଼ିଆ ସାହିତ୍ୟର ଉପସ୍ଥିତି ବିଷୟରେ ସଂକ୍ଷେପରେ କହିବା ପାଇଁ କହିଲେ। ସମ୍ପୃକ୍ତ ଲେଖକ ଗଳା ଝାଡ଼ି, ଶାର୍ଟ କଲରକୁ ସଜାଡ଼ି ଅତିବେଶିରେ ପାଞ୍ଚଟି ବାକ୍ୟ କହିଥିବେ କି ନାହିଁ ସଞ୍ଚାଳକ ତାଙ୍କୁ ମଝିରୁ ଅଟକେଇଦେଲେ। ସାର୍ ଆପଣ ବହୁତ ସୁନ୍ଦର ଓ ଶିକ୍ଷଣୀୟ କଥା କହିଲେ କହି ସାର୍‌ଙ୍କ ମନ୍ତବ୍ୟ ଉପରେ ନିଜେ ଦଶ ଲାଇନ କହିଗଲେ। ତା'ପରେ ଆଉ ଜଣେ ବକ୍ତାଙ୍କୁ ଦୁଇ ଲାଇନ୍‌ରେ କହିବା ପାଇଁ କହିଲେ। ସମୟ ଅଭାବରୁ ଛ'ଜଣ ବକ୍ତାଙ୍କ ଭିତରୁ ଜଣେ ଶେଷଯାଏ କହିବା ପାଇଁ ଆଉ ସୁଯୋଗ ପାଇଲେ ନାହିଁ। ସେ ଯେଉଁ ବୀରଦର୍ପରେ ମଞ୍ଚ ଉପରକୁ ଯାଇଥିଲେ ଫେରିଲା ବେଳେ ତାଙ୍କ କରୁଣ ମୁହଁକୁ ଦେଖିବା କଥା। ବଡ଼ ବଡ଼ ଆତ୍ମଘୋଷିତ ସାହିତ୍ୟ ଚିନ୍ତକମାନେ ତାରକା ହୋଟେଲରେ ଆୟୋଜିତ ଏହିଭଳି ଆଲୋଚନାରେ ଦୁଇ ତିନିଟି ବାକ୍ୟ କହି କୃତ୍ୟ କୃତ୍ୟ। ଛୋଟ ହୋଟେଲରେ ଗରମ ଡାଲି ଅଣ୍ଡା ଡାଲିକୁ ନେଇ ଝଗଡ଼ା କରୁଥିବା ଲୋକ ବଡ଼ ହୋଟେଲରେ ଅଲଣା, ବାସିଡାଲିକୁ ତିନିଶହ ଦେଇ ନୀରବରେ ଫେରୁଥିବା କଥା ଶୁଣିଥିବ। ସେହିଭଳି ଛୋଟ ଆୟୋଜକଙ୍କର ସାମାନ୍ୟ ଅବ୍ୟବସ୍ଥାରେ ହଜାରେ ଅସନ୍ତୋଷ ଦେଖାଉଥିବା ତଥାକଥିତ ବଡ଼ ବଡ଼ ଲେଖକ ଆନ୍ତର୍ଜାତିକ ସାହିତ୍ୟ ମହୋତ୍ସବରେ ବଫେ ଭୋଜି ଭଳି ଆଗମନଠୁ ପ୍ରସ୍ଥାନ ପର୍ଯ୍ୟନ୍ତ ଅତ୍ୟନ୍ତ ଶାନ୍ତ ଓ ଧୈର୍ଯ୍ୟର ସହ ନିଜ କଥା ନିଜେ ବୁଝୁଥିବା ଦେଖୁଛି। ବଡ଼ବଡ଼ିଆଙ୍କ ଅବସ୍ଥା ଯଦି ଏପରି ସେଠି ଆମ କଥା କିଏ ପଚାରେ ? ଲିଟ୍ ଫେଷ୍ଟରେ ବକ୍ତା ହେବାକୁ କି କବିତା ପଢ଼ିବା ପାଇଁ ଠେଲାପେଲା, ଧରାଧରି, ମାନ ଅଭିମାନ, ଦିଆନିଆର କଥା ଶୁଣିଲେ ହସଲାଗୁଛି। ଭାଇ ଆମ ଗାଁ ସାହିତ୍ୟ ସଭାରେ ଲେଖକଙ୍କୁ ଯେତିକି ସମ୍ମାନ ଓ ଶ୍ରଦ୍ଧା ମିଳୁଛି ତା'ର କାଣିଚାଏ ବି ଏ ବଡ଼ବଡ଼ିଆ ଲିଟ୍ ଫେଷ୍ଟରେ ନାହିଁ । 'କବି ଦୀନବନ୍ଧୁ ଓରଫ ଦିନୁଆ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ ମନ ଦୁଃଖ କରନା। ବେଳ ଥାଉ ଥାଉ ହେଜି ଯାଅ। ନଚେତ୍ ଏ ମାୟାରେ ବେଶି ବାୟା ହେବାକୁ ଇଚ୍ଛା ଥିଲେ ହେଇ ଦେଖ ତିନିଟା ପିଣ୍ଡି ଛାଡ଼ି ଗୋଟେ ପରିବା ପିଣ୍ଡି ଖାଲିଅଛି, ତାକୁ ଏବେଠୁ ବୁକ୍ କରି ରଖିଥାଅ। ଭବିଷ୍ୟତରେ ପିଲାଙ୍କ ମୁହଁରେ ଆହାର ଗଣ୍ଡେ ଦେବାକୁ କାମରେ ଆସିବ। ଲିଟ୍ ଫେଷ୍ଟର ଆଉ ଏକ ବିଶେଷତ୍ୱ ହେଲା, ଏଥିରେ ଶହ ଶହ ସାହିତ୍ୟିକଙ୍କୁ ଭାଗନେବାର ସୁଯୋଗ ମିଳେ। ବର୍ଷଯାକ ଶୋଷରେ ଥିବା ଲୋକଙ୍କୁ ମଧୁର ଜଳାଶୟ ମିଳିବା ଭଳି ଲିଟ୍ ଫେଷ୍ଟ ସିଜନ ଆରମ୍ଭ ହେଲା ମାତ୍ରେ ସାହିତ୍ୟିକମାନଙ୍କ ଭିତରେ ଏକ ଅସମ୍ଭବ ଉଦ୍ଦୀପନା ଦେଖାଦିଏ। "ଦିନେ ନାହିଁ କାଳେ ନାହିଁ ଗହ୍ମା ପୁନେଇଁରେ ମାଇଁ ମାଇଁ " ଭଳି ବର୍ଷଯାକ ଶୀତଳ ଥିବା ଆୟୋଜକଙ୍କ ମୁଖପୁସ୍ତିକାରେ ତାଙ୍କ ବାରି କଖାରୁ ଫଟୋ ଉପରେ ଶହ ଶହ କମେଣ୍ଟ ଆସିବା ଦେଖିଲେ ଜାଣିବ ଲିଟ୍ ଫେଷ୍ଟ ସମୟ ହେଇଗଲା। ଯେକୌଣସି ବ୍ୟୟବହୁଳ ଆନ୍ତର୍ଜାତିକ ସାହିତ୍ୟ ମହୋତ୍ସବ ଦ୍ୱାରା ସାହିତ୍ୟର କ'ଣ ଉନ୍ନତି ହେଉଛି ନ ହେଉଛି ତାହା ପର କଥା, ହେଲେ ମୁଖପୁସ୍ତିକାରେ ସାହିତ୍ୟିକମାନଙ୍କ ମହାର୍ଘ ମୁହୂର୍ତ୍ତର ଶହ ଶହ ଫଟୋ ପୋଷ୍ଟିଂକୁ ଦେଖିଲେ ଲାଗୁଛି ସ୍କୁଲ ପିଲାଙ୍କ ପ୍ରତିବର୍ଷ ବଣଭୋଜି ଭଳି ଏବେ ଆମ ରାଜ୍ୟରେ ବାର୍ଷିକ ସାହିତ୍ୟ ଗମାତ ଚାଲିଛି। ହଉ ଚାଲୁ। ଗୋଟେ ଖୁସି ଆଉ।

*–ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମାୟାବର୍ତ୍ତ

**ବିଜୟ ନାୟକ, ପ୍ରକାଶକ-ବିଦ୍ୟାପୁରୀ, ବାଲୁବଜାର, କଟକ**
**ମୂଲ୍ୟ-୧୯୦ଟଙ୍କା**

ମାୟାବର୍ତ୍ତ ବିଜୟ ନାୟକଙ୍କ ଗପ ପୁସ୍ତକ। ଏଥିରେ ୨୨ଟି ଗପ ପ୍ରକାଶିତ ହୋଇଛି। ଶେଷ ଗପ ହେଉଛି ମାୟାବର୍ତ୍ତ। ଏଥିରେ ଗାଳ୍ପିକ ସବ୍ୟସାଚୀ ମହାପାତ୍ରଙ୍କ ଚରିତ୍ରକୁ ବର୍ଣ୍ଣନା କରିଛନ୍ତି। କଲେଜ ଇଲେକ୍ସନରେ ପରାଜିତ ହେବା ସହ ପରୀକ୍ଷାରେ ଫେଲ ହେବାରୁ ଗାଁକୁ ଫେରିବା ବାଟ ତାଙ୍କର ବନ୍ଦ ହୋଇଗଲା। ବାପା ଘରେ ପୁରାଇ ଦେଲେନି। ପ୍ରେମିକା ସଂଘମିତ୍ରା ବି ତାଙ୍କୁ ଭୁଲି ଗୋଟିଏ ଧନୀ ସୌଦାଗରର ପୁଅ ସହିତ ଫେରାର ହୋଇଗଲା। ମାୟାବର୍ତ୍ତ ଭଳି ଅନ୍ୟ ଗପ ମଧ୍ୟ ପାଠକଙ୍କୁ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।




### ପ୍ରଜ୍ଞା ସ୍ପନ୍ଦନ

**ଡ.ପ୍ରଜ୍ଞା ପାରମିତା ଜେନା, ପ୍ରକାଶକ -କାବ୍ୟଲୋକ, ଗ୍ୟାରେଜ ଛକ, ଭୁବନେଶ୍ୱର-୨, ମୂଲ୍ୟ-୨୦୦ଟଙ୍କା**

ପ୍ରଜ୍ଞା ସ୍ପନ୍ଦନ ଡ.ପ୍ରଜ୍ଞା ପାରମିତା ଜେନାଙ୍କ କବିତା ପୁସ୍ତକ। ଏଥିରେ ୮୭ଟି କବିତା ସ୍ଥାନ ପାଇଛି। କବିତାରେ ଥିବା ବିଦ୍ରୋହ ଓ ହତାସାର ଭାବ କବିଙ୍କୁ ଘାରିଛି। ପ୍ରତିକୂଳ ପରିବେଶ ଓ ପରିସ୍ଥିତିକୁ ସାମ୍ନା କରି ସେ ଜୀବନ ଯାତ୍ରାରେ ଆଗକୁ ବଢିଛନ୍ତି। ପ୍ରାଣର ପ୍ରାଚୁର୍ଯ୍ୟ ଭିତରେ ମଣିଷ କେମିତି ବିଳକ ହୋଇ ବଞ୍ଚିବାର ରାହା ଖୋଜୁଛି ସେ କଥା ନିଛକ ଭାବେ କବୟିତ୍ରୀ କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି । ପୁସ୍ତକଟିକୁ ପାଠକଲେ ସମାଜ ଲାଗି ଦିଆଯାଇଥିବା ବାର୍ତ୍ତା ବୁଝିହେବ ।




### ଅବାଧ ପାଦ ଦୁଇ

**ଜ୍ୟୋତ୍ସ୍ନା କୁମାରୀ ପ୍ରଧାନ**
**ପ୍ରକାଶକ-ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର, ମୂଲ୍ୟ-୧୫୦ଟଙ୍କା**

ଅବାଧ ପାଦ ଦୁଇ ଜ୍ୟୋତ୍ସ୍ନା କୁମାରୀ ପ୍ରଧାନଙ୍କ ଏକ କବିତା ପୁସ୍ତକ। ଏଥିରେ ୪୦ଟି କବିତା ରହିଛି। ଅବାଧ ପାଦ ଦୁଇ ପ୍ରଥମ କବିତାର ନାମ ଅନୁସାରେ ନାମକରଣ କରାଯାଇଛି। ଯେଉଁଠି କବିତାରେ ରହିଛି- ମୋ ସତ୍ତାର ଶ୍ରେଷ୍ଠତମ/ମୋ ଆଶାମାନଙ୍କର ଶୀର୍ଷତମ/ ଦିବ୍ୟ ଅନୁଭବଟି ରୂପ ନେଉଥାଏ/ ଅନେକ ରୂପରେ। କାବ୍ୟିକ ଭାଷା, ଶାଳୀନ ଭାବ ଓ ଶବ୍ଦର ଚମତ୍କାରୀତା ସୌନ୍ଦର୍ଯ୍ୟବୋଧ ହିଁ ସଂକଳନଟିକୁ ସ୍ୱତନ୍ତ୍ର କରିଛି। ଆଶା ପୁସ୍ତକଟି ପାଠକଙ୍କ ହୃଦୟକୁ ଛୁଇଁବ ।



# ମାସ୍କ ପିନ୍ଧି ଇଣ୍ଟରଭ୍ୟୁ

ବେଳେବେଳେ ଯୋଗ୍ୟତା ଥାଇ ବି ଚେହେରା ଖାସ୍ ନ ହୋଇଥିବାରୁ ଅନେକେ ଇଣ୍ଟରଭ୍ୟୁରେ ସଫଳ ହୋଇ ପାରନ୍ତି ନାହିଁ। କାରଣ କେତେକ ସ୍ଥାନରେ ଯୋଗ୍ୟତାଠାରୁ ଲୁକ୍‌ସକୁ ବେଶି ଗୁରୁତ୍ୱ ଦିଆଯାଏ। ଏଇ ମୁହଁ ଦେଖା ନୀତି ପାଇଁ ଅନେକ ଯୋଗ୍ୟ ବ୍ୟକ୍ତି ଉପଯୁକ୍ତ ସମ୍ମାନ ଓ କାମ



ପାଇ ପାରନ୍ତି ନାହିଁ। ଏହାକୁ ନଜରରେ ରଖି ଚାଇନା, ଚେଙ୍ଗଡୁର ଏକ ଲଜିଷ୍ଟିକ୍ କମ୍ପାନୀ ଆପଣାଇଛି ଏକ ଅଭିନବ ଉପାୟ। ଏହି କମ୍ପାନୀରେ ନିୟମ କରାଯାଇଛି ଯେ, ଯେଉଁମାନେ ଇଣ୍ଟରଭ୍ୟୁ ଦେବା ପାଇଁ ଆସୁଛନ୍ତି ଓ ଯେଉଁମାନେ ଇଣ୍ଟରଭ୍ୟୁ ନେବେ ଉଭୟେ ଚେହେରାରେ ମାସ୍କ ଲଗାଇବେ। କମ୍ପାନୀର କହିବାନୁଯାୟୀ ଏହାଦ୍ୱାରା ଇଣ୍ଟରଭ୍ୟୁ ଦେବାକୁ ଆସୁଥିବା ଲୋକଙ୍କର ମାନସିକ ଚାପ କମୁଛି। ତା'ସହ ଯୋଗ୍ୟ ବ୍ୟକ୍ତିଙ୍କର ଚୟନ ହୋଇପାରୁଛି। ଏହି କମ୍ପାନୀର ଏଭଳି ଅଭିନବ ଉପାୟରେ କରାଯାଉଥିବା ଇଣ୍ଟରଭ୍ୟୁର ଭିଡିଓକୁ ସୋସିଆଲ ମିଡିଆରେ ଲୋକେ ବେଶ୍ ପସନ୍ଦ କରିଛନ୍ତି। ଏଭଳି ବ୍ୟବସ୍ଥା ସବୁଠି ହେବା କଥା ବୋଲି ଅନେକେ ମତ ବି ଦେଉଛନ୍ତି।

ବ୍ୟାକ୍ ପେଜ୍

# ଚତୁର ଘୁଷୁରି

ଆମେରିକାର ଲୋୱା ସିଟିରେ ଅଛି କ୍ୟାପିଟୋଲ୨ ନାମକ ଏକ ଥିଏଟର୍। ଏହି ଥିଏଟର୍‌ର ମାଲିକଙ୍କ ନାମ ହେଉଛି ଡନ୍ ବ୍ଲିକର୍। ବ୍ଲିକର୍‌ଙ୍କ ଏହି ଥିଏଟର୍‌କୁ ଆସିବାକୁ ଲୋକେ ବହୁତ ପସନ୍ଦ କରନ୍ତି। କାରଣ ଏଠାରେ ବ୍ଲିକର୍‌ଙ୍କ ପେଟ୍ ଜୟ, ଯେକି ଏକ ଘୁଷୁରି ଲୋକଙ୍କୁ ନିଜର ବିଭିନ୍ନ କରତବ ଦେଖାଇ ମନୋରଞ୍ଜନ କରାଏ। ସେ ଏତେ ଚତୁର ଯେ ବ୍ଲିକର୍‌ଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ପ୍ରକାରର କରତବ୍ କରିପାରେ। ଆଉ ଏହି ଚତୁରତା ଲାଗି ଜୟ ଏବେ ଗିନିଜ୍ ୱାର୍ଲଡ ରେକର୍ଡସରେ ବି ସ୍ଥାନ ପାଇଛି। ଗିନିଜ୍ ୱାର୍ଲଡ ରେକର୍ଡସ୍‌ର ନିୟମାନୁସାରେ ଜୟକୁ ମାଲିକ ବ୍ଲିକର୍‌ଙ୍କ





ନିର୍ଦ୍ଦେଶକ୍ରମେ ଏକ ମିନିଟ୍‌ରେ ବିଭିନ୍ନ ଟ୍ରିକ୍ କରିବାକୁ ଥିଲା। ବ୍ଲିକର୍ ମଣିଷ ହୋଇ ନର୍ଭସ ହୋଇ ପ୍ରଥମେ ନିର୍ଦ୍ଦେଶ ଦେବାରେ ଭୁଲ କରି ଦେଇଥିଲେ। ହେଲେ ଜୟ ଘୁଷୁରି ହୋଇ ବି ବିନା ଡରରେ ସଠିକ୍ ଭାବେ ବିଭିନ୍ନ ଟ୍ରିକ୍ କରି ଦେଖାଇଥିଲା। ଏମିତିରେ ସେ ଗୋଟେ ପରେ ଗୋଟେ ୧୩ଟି ଟ୍ରିକ୍ ୧ ମିନିଟ୍‌ରେ କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା।



# ଏୟାର ବ୍ୟାଗ ଜିନ୍ସ

ଦୁର୍ଘଟଣାରୁ ବର୍ତ୍ତିବା ପାଇଁ କାର୍‌ରେ ସିଟ୍ ବେଲ୍ଟ ଲଗାଯାଏ। ତା'ସହ ଏଥିରେ ଏୟାର୍‌ବ୍ୟାଗ୍ ସିଷ୍ଟମ୍ ବି ଥାଏ। ହେଲେ ବାଇକ୍ ଚଳାଉଥିବା ବ୍ୟକ୍ତିଙ୍କ ସୁରକ୍ଷା ପାଇଁ ସେମିତି କିଛି ବ୍ୟବସ୍ଥା ନାହିଁ। କେବଳ ହେଲମେଟ୍ ହିଁ ସାହା ଭରସା ସାଜିଥାଏ। ଏହାକୁ ନଜରରେ ରଖି ସ୍ୱିଡେନ୍‌ର ମୋ'ସାଇକେଲ ନାମକ ଏକ କମ୍ପାନୀ ତିଆରି କରିଛି ଏୟାର୍‌ବ୍ୟାଗ ଜିନ୍ସ। ଏହାର ବିଶେଷତ୍ୱ ହେଉଛି ଯେ, ଯଦି ଏହାକୁ ବାଇକ୍ ଚାଳକ ପିନ୍ଧିବେ, ତେବେ ଦୁର୍ଘଟଣାବେଳେ ଶରୀରର ତଳଭାଗରେ ଆଘାତ ଲାଗିବ ନାହିଁ। କାର୍‌ର ଏୟାର ବ୍ୟାଗ୍ ପରି ଏହି ଏୟାର ବ୍ୟାଗ୍ ଜିନ୍ସ ଦୁର୍ଘଟଣା ହେବାବେଳେ ଆପେ ଫୁଲିଯିବ। ଫଳରେ ବାଇକ୍ ଚାଳକ ଯେତେ ଜୋର୍‌ରେ ପଡିଲେ ବି ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ବିଶେଷ କ୍ଷତି ହେବ ନାହିଁ। ଉକ୍ତ ଜିନ୍ସକୁ ଆର୍ମଲିଥ୍ ନାମକ ଖାସ୍ ଫ୍ୟାବ୍ରିକ୍‌ରେ ତିଆରି କରାଯାଇଛି। ଯାହା ଦେଖିବାକୁ ଜିନ୍ସ ପରି ହେଲେ ଏହା ୱାଟରପ୍ରୁଫ୍ ଓ ଘର୍ଷଣ ପ୍ରୁଫ୍ ଅଟେ। ଏହା ରିୟୁଜେବଲ ମଧ୍ୟ। ଥରେ ପବନ ଚାଲିଗଲେ ତା'ମଧ୍ୟରେ ଆଉଥରେ ପବନ ଭର୍ତ୍ତି କରାଯାଇପାରିବ। ଆଉ ଏହି ଏୟାରବ୍ୟାଗ୍ ପ୍ୟାଣ୍ଟ ସେତେବେଳେ ଖୋଲିବ ଯେତେବେଳେ ଏହା ଉପରେ ପ୍ରବଳ ଚାପ ପଡିବ।